ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

THE JANABARTTA ଜନବାର୍ତ୍ତା • ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel : Janabartta Live

www.janabartta.com

epaper.janabartta.com

29 NOVEMBER to 05 DECEMBER 2026

୨୯ ନଭେମ୍ବର ଠାରୁ ୦୫ ଡିସେମ୍ବର, ୨୦୨୬

VOL- 1 • ISSUE- 41 ବର୍ଷ-୧ • ସଂଖ୍ୟା- ୪୧ PRGI NO- ORORI/26/A0341. • WEEKLY EDITION ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-

ବ୍ୟଙ୍ଗ ବାର୍ତ୍ତା



ନେତାଙ୍କ ମହଲରେ ଚାଲିଛି ଖାଲି
ନୂଆ ସୀମାର ଖେଳ,
ପଚାଶ ଭାଗ ବଢ଼ିବ ଆସନ,
ଜମିବ ଭୋଟ ମେଳ ।
ଉତ୍ତର ଦକ୍ଷିଣ କଳି ଟୁଟିଲା,
ହସିଲେ ସବୁ ଦଳ,
ଚୌକି ବଢ଼ିଲେ ନେତା ବଢ଼ିବେ,
ଜନତା ହନ୍ତସନ୍ତ ।
ଆମ ଅଞ୍ଚଳ କାହା ଭାଗରେ ପଡ଼ିବ
କିଏ ବା ଜାଣେ,
ସୀମା ଟଣାଟଣି ଭିତରେ ଖାଲି
ଭାଗ୍ୟକୁ ଆମ ଗଣେ ।

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଚଳିତ ମାସ ୨୫ ତାରିଖ ଦିନ ବ୍ରହ୍ମପୁର ସହରରେ 'ଜନ ଜାଗରଣ ଅଭିଯାନ' ତରଫରୁ 'ଯୁବ ଆହ୍ୱାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଖାପାଖି ୧୦୦୦ ଛାତ୍ରଛାତ୍ରୀ ଏକ ପ୍ରତିଯୋଗିତାରେ ଯୋଗ ଦେଇଥିଲେ । ଯାହାର ଶୀର୍ଷକ ଥିଲା, 'ନୂଆ ଓଡ଼ିଶା ଗଢ଼ିବାରେ ଯୁବପିଢ଼ିଙ୍କ ଭୂମିକା' । ସେମାନଙ୍କର ଅଫୁରନ୍ତ ଉତ୍ସାହ ଓ ଉଦ୍ଦାମ ଦେଶପ୍ରୀତି ଦେଖିଲେ ଯେ କୌଣସି ବ୍ୟକ୍ତି ଅଭିଭୂତ ହେବ । କେଇ ଘଣ୍ଟାର କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ପ୍ରମାଣ କରି ଦେଲେ ଯେ ଗଞ୍ଜାମର ରକ୍ତରେ ଆଜି ମଧ୍ୟ କର୍ମପ୍ରବଣତା ଅଛି, କିଛି ନୂଆ କରି ଦେଖାଇବାର ଆମ୍ ପ୍ରତ୍ୟୟ ଅଛି, 'ସୁନାର ଗଞ୍ଜାମ' ଗଢ଼ିବାର ସୁନେଲି ସ୍ୱପ୍ନ ରହିଛି । ଆଜି ସେ ବିଷୟରେ କିଛି ଆଲୋଚନା କରିବା ।

କେବଳ ସରକାରଙ୍କ ଉପରେ ନିର୍ଭର ନ କରି ନିଜ ପ୍ରଚେଷ୍ଟାରେ ସଫଳତା ଆଣିବାର ମାନସିକତା ସେମାନଙ୍କ ମଧ୍ୟରେ ଅଛି । ତାହା ହିଁ ଗଞ୍ଜାମର ସ୍ପିରିଟ୍ । ଯେଉଁ ଗଞ୍ଜାମର ଚାଷୀମାନେ କୁହନ୍ତି, 'ଆମକୁ ଆଞ୍ଜୁଳାଏ ପାଣି ଦିଅ, ଆମେ ବସ୍ତାଏ ଚାଉଳ ଦେବୁ' ସେହି ଦମ୍ଭୋକ୍ତି ଆଜିକାର ଯୁବଶକ୍ତି ମଧ୍ୟରେ ଦେଖିବାକୁ ମିଳିଲା । ସୁନାର ଗଞ୍ଜାମ ଗଢ଼ିବା ପାଇଁ ପ୍ରଥମେ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବାକୁ ହେବ, ତାହା ସେମାନେ ହୃଦୟଙ୍ଗମ କରିଛନ୍ତି । ସ୍ୱାଭିମାନ ଓ ଆତ୍ମବିଶ୍ୱାସ ଯେ ଜଣେ ବ୍ୟକ୍ତିର ପ୍ରକୃତ ଶକ୍ତି, ଯାହାକୁ ନେଇ ପଙ୍ଗୁ ମଧ୍ୟ ଗିରି ଲଙ୍ଘି ପାରେ, ତାହା ଆଜି ଆମେ ଦେଖିବାକୁ ପାଇଲେ । ଗୋଟିକ ପରେ ଗୋଟିଏ ପ୍ରତିଯୋଗୀ ଦଳ ପରେ ଦଳ ବକ୍ର କଣ୍ଠରେ ଉଚ୍ଚାରଣ କଲେ, 'ଭାରତ ମାତା କି ଜୟ' । ଦେଶ ଗଠନ ମାଦକତା ପରିସ୍ଫୁଟ ।



ବିଜୟ କୁମାର ପଟ୍ଟନାୟକ

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ସମସ୍ତଙ୍କ ତୁଣ୍ଡରେ ଗୋଟିଏ କଥା, 'ଜୟ ଜଗନ୍ନାଥ' । ଯେଉଁ ଜଗନ୍ନାଥ ସଂସ୍କୃତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଓଡ଼ିଆଙ୍କୁ ଏକ ପ୍ରେମ ରଜ୍ଜୁରେ ହଜାର ହଜାର ବର୍ଷ ଧରି ବାନ୍ଧି ରଖିଛି, ଆଜି ତାହା ସୁନାର ଗଞ୍ଜାମ ଗଢ଼ିବାର ହେବ ଏକ ପ୍ରମୁଖ ଉପାଦାନ । ଏଥିରେ ଧର୍ମାନ୍ଧତା ନାହିଁ, ଏଥିରେ ବିଦ୍ୱେଷ ଭାବ ନାହିଁ, ଏଥିରେ ମଣିଷକୁ ମଣିଷଠାରୁ ବିଚ୍ଛେଦ କରିବାର ଅପଚେଷ୍ଟା ନାହିଁ । ଆମେ ଅର୍ଥନୀତି ଦୃଷ୍ଟିରୁ ପଛରେ ପଡ଼ିଯାଇ ଥାଇ ପାରୁ । କିନ୍ତୁ ଆମର ସଂସ୍କୃତି, ଆମର ଚିନ୍ତାଧାରା ଯେ ବିଶ୍ୱସ୍ତରୀୟ ଏହାର ବଳିଷ୍ଠ ପ୍ରମାଣ ଆମେ ପାଇଲୁ ବ୍ରହ୍ମପୁର ସମାବେଶରେ ।

ସୁନାର ଗଞ୍ଜାମ ପାଇଁ ଏକ କଳଙ୍କ ହେଉଛି 'ଦାଦନ' ସମସ୍ୟା । କୁହାଯାଏ ଯେ ଆଜିକାର ଯୁବ ସମାଜ ସୁଦୂର ସହରର ଚାକଚକ୍ୟରେ ବିମୋହିତ ହୋଇ ନିଜ ଗାଁ ଛାଡ଼ି ଚାଲିଯିବାକୁ ଉଦ୍ୟତ । କିନ୍ତୁ ଗଞ୍ଜାମର ଯୁବକ ଯୁବତୀମାନେ ପ୍ରମାଣ କରି ଦେଲେ ଯେ ସେମାନେ ସେହି ତଥାକଥିତ ଚାକଚକ୍ୟ ଦ୍ୱାରା ଆକୃଷ୍ଟ ନୁହନ୍ତି । 'ଦାଦନ'ର କରାଳ ରୂପ ସହିତ ସେମାନେ ପରିଚିତ । ଓଡ଼ିଆମାନେ ଓଡ଼ିଶା ବାହାରେ କିଭଳି ଭାବରେ ଲାଞ୍ଛିତ ଓ ନିର୍ଯାତିତ ହୁଅନ୍ତି ତାହା ସେମାନେ ଜାଣନ୍ତି । ଓଡ଼ିଶା ଭିତରେ କିଭଳି କର୍ମ ସଂସ୍ଥାନ ସୃଷ୍ଟି କରାଯାଇ ପାରିବ ସେଥିପାଇଁ ସେମାନେ ବ୍ୟଗ୍ର ।

ସେମାନଙ୍କର ବକ୍ତବ୍ୟରେ ଆଉ ଏକ ବାଣୀ ସ୍ପଷ୍ଟ ହୋଇ ଉଠିଲା, ତାହା ହେଉଛି ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ହେଲେ ତାକୁ ସ୍ୱାବଲମ୍ବୀ କରିବାକୁ ହେବ । ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ତାହାର କୃଷିଜାତ ଦ୍ରବ୍ୟ ଉତ୍ପାଦନ କରି ଓଡ଼ିଶାକୁ ଯେଉଁଭଳି ଭାବରେ ଏକ ଉପନିବେଶରେ ପରିଣତ କରି ଦେଇଛି, ସେଥିରୁ ଆମକୁ ମୁକୁଳିବାକୁ ହେବ । ତେଣୁ ଆଜିକାର ଯୁବପିଢ଼ି କେବଳ ପ୍ରଯୁକ୍ତି ବିଦ୍ୟା ପଛରେ ନ ଧାଇଁ କୃଷି ପ୍ରତି ମଧ୍ୟ ନିଜର ଆଗ୍ରହ ପ୍ରକାଶ କରିଛି । ସେ ବୁଝିଛି ଯେ ନିଯୁକ୍ତି ସୃଷ୍ଟିର ଏକ ପ୍ରମୁଖ ଉପାୟ ହେଉଛି ଆଧୁନିକ କୃଷି ।

ନୂଆ ଓଡ଼ିଶା ଗଢ଼ିବା ପାଇଁ ଏଗୁଡ଼ିକ ହେଲା ଗୋଟିଏ ଗୋଟିଏ ଶୁଭ ସଙ୍କେତ । ବର୍ଷ ବର୍ଷ ଧରି ଲୋକଙ୍କୁ ଶିଖାଇ ଦିଆଯାଇଛି ଯେ ନିଯୁକ୍ତି କହିଲେ ସରକାରୀ ଚାକିରି । ସରକାରୀ ଚାକିରି ନ ମିଳିଲେ ସରକାରୀ ଅନୁଦାନ ହିଁ ପନ୍ଥା । ଧାରଣା ସୃଷ୍ଟି କରିଦିଆ ଯାଇଛି ଯେ କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ସାଧାରଣ ସମୟରେ ମଧ୍ୟ ସରକାରୀ ପ୍ରୋତ୍ସାହନ ବିନା ପ୍ରଗତି ଅସମ୍ଭବ । କୃଷିଭିତ୍ତିକ ପ୍ରକଳ୍ପ ହେଉ ବା ଶିଳ୍ପଭିତ୍ତିକ ପ୍ରକଳ୍ପ ହେଉ, ସବୁଥିରେ ପ୍ରଥମ ପ୍ରଶ୍ନ ହେଉଛି ଏଥିରେ କେତେ ସବ୍‌ସିଡି ଅଛି ? ଯେହେତୁ ଓଡ଼ିଆମାନଙ୍କ ନିକଟରେ ପୁଞ୍ଜି ଅଭାବ ଥାଏ ସେଥିପାଇଁ ପ୍ରକଳ୍ପ ସ୍ଥାପନ ପାଇଁ ସବ୍‌ସିଡି ସାହାଯ୍ୟ କରେ । କିନ୍ତୁ କାଳକ୍ରମେ ଦେଖାଯାଉଛି ଯେ ଏହା ଏକ ବ୍ୟାଧିରେ ପରିଣତ ହୋଇଯାଇଛି । ଯଦି କୌଣସି ପ୍ରକଳ୍ପ ସ୍ଥାପନ ପାଇଁ ସବ୍‌ସିଡି ଏକାନ୍ତ ଜରୁରୀ ହୋଇପଡ଼େ ତେବେ ପ୍ରକଳ୍ପଗୁଡ଼ିକ ସରକାରୀ ବଜେଟ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ ହୋଇପଡ଼େ । ଉଦାହରଣ ସ୍ୱରୂପ, ଯଦି ବଜେଟରେ ମତ୍ସ୍ୟ ଚାଷ ପାଇଁ ଏକ କୋଟି ଟଙ୍କାର ବରାଦ ଥାଏ ଓ ଏକର ପିଛା ମାଛ ପୋଖରୀ ପାଇଁ ଏକ ଲକ୍ଷ ଟଙ୍କା ମିଳିବାର ବ୍ୟବସ୍ଥା ଥାଏ, ତେବେ ଶହେଟି ପୋଖରୀ ପରେ ଆଉ ନୂଆ ପୋଖରୀ ଖନନ କରିବା ସମ୍ଭବ ହୁଏ ନାହିଁ । ଶହେଟି ପୋଖରୀ ଖୋଳାଯିବା ପରେ ଯଦି ଜଣେ ଯୁବ ଉଦ୍ୟୋଗୀ ସମ୍ପୃକ୍ତ ଅଫିସରଙ୍କୁ ଦେଖା କରେ, ତାକୁ ଜଣାଇ ଦିଆଯାଏ ଯେ "ଏ ବର୍ଷ ପାଇଁ ସବ୍‌ସିଡି ସରିଗଲାଣି । ଆସନ୍ତା ବର୍ଷ ଚେଷ୍ଟା କର ।" କିନ୍ତୁ ୧୦୦ ଟି ପୋଖରୀ ଖୋଳି ଗଞ୍ଜାମର ବିକାଶ କରାଯାଇପାରିବ ନାହିଁ । ସେଥିପାଇଁ ହଜାର ହଜାର ପୋଖରୀ ଆବଶ୍ୟକ ।

ଏହା ବ୍ୟତୀତ ସବ୍‌ସିଡି ପ୍ରଥା ଦୁର୍ନୀତିକୁ ଅତ୍ୟନ୍ତ ବ୍ୟାପକ କରି ଦେଇଛି । ଯେଉଁ ଅଫିସରମାନେ ସବ୍‌ସିଡି ଦେବା ଦାୟିତ୍ୱରେ ଅଛନ୍ତି ସେମାନେ ଜାଣନ୍ତି ଯେ ଏହା ଏକ ସମ୍ପୂର୍ଣ୍ଣ ଅନୁଦାନ । ସେଥିରୁ କିଛି ଉପୁରି ହିସାବରେ ରଖିଦେଲେ ଭୁଲ କେଉଁଠି ? ହିତାଧିକାରୀ ମଧ୍ୟ ଭାବିନିଏ ଯେ ଅନୁଦାନରୁ କିଛି ଦେଇ ଦେଇ ବାକି ତକ ମିଳିଗଲେ ଚଳିଯିବ, ନ ହେଲେ କିଛି ମିଳି ନ ପାରେ । ଠିକ ଏଇ ଚିନ୍ତାଧାରା ସମସ୍ତ ସରକାରୀ ଯୋଜନାକୁ କବଳିତ କରି ଦେଲାଣି । ବିଭିନ୍ନ ଆବାସ ଯୋଜନାରେ କିଛି ଟଙ୍କା ଦେବାକୁ ପଡେ, ଏହା କିଏ ନ ଜାଣେ ?

ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେବ । ମୁଁ ସବ୍‌ସିଡିର ବିରୋଧୀ ନୁହଁ । କିନ୍ତୁ ସବ୍‌ସିଡି ବ୍ୟବସ୍ଥାର ସରଳିକରଣ ଓ ସେଥିରେ ସ୍ୱଚ୍ଛତା ଆସିବା ଦରକାର । 'ଜନ ଜାଗରଣ' ସେ ଦିଗରେ ନିଶ୍ଚିତ ଭାବରେ ସହାୟତାର ହାତ ବଢ଼ାଇବ । କିନ୍ତୁ ଯୁବଶକ୍ତିକୁ ଯଦି ସମ୍ପୂର୍ଣ୍ଣ ଭାବରେ ବିନିଯୋଗ କରିବାକୁ ହୁଏ ତେବେ ତାହା ସମ୍ପୂର୍ଣ୍ଣ ଭାବରେ ସବସିଡ଼ି ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ । ଗଞ୍ଜାମ ଜିଲ୍ଲାରେ ସୁନାର ଗଞ୍ଜାମ ଗଢ଼ିବାକୁ ହେଲେ ବିଭିନ୍ନ କ୍ଷେତ୍ର ରେ ଲକ୍ଷାଧିକ ଉଦ୍ୟୋଗୀ ସୃଷ୍ଟି କରିବାକୁ ହେବ । ସେଥିପାଇଁ କୋଟି କୋଟି ଟଙ୍କାର ସବ୍‌ସିଡି ବ୍ୟବସ୍ଥା କରିବାକୁ ହେବ । ସେଥିପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ହେବ । କିନ୍ତୁ ଆମେ ଯଦି ଭାବିବା ଯେ କୋଟି କୋଟି ଟଙ୍କାର ସବ୍‌ସିଡି ବରାଦ ନ ହେବା ପର୍ଯ୍ୟନ୍ତ ଆମେ ଉଦ୍ୟୋଗୀମାନଙ୍କୁ ଅପେକ୍ଷା କରାଇବା, ତେବେ ବିକାଶର ଧାରା ବାଧାପ୍ରାପ୍ତ ହେବ । ତେଣୁ ପ୍ରଥମେ ଉଦ୍ୟୋଗୀ ସୃଷ୍ଟି କରିବାକୁ ହେବ, ସେମାନଙ୍କୁ ପ୍ରଶିକ୍ଷଣ ଦେବାକୁ ହେବ । ସେମାନଙ୍କ ମନରେ ଆତ୍ମ ବିଶ୍ୱାସ ସୃଷ୍ଟି କରିବାକୁ ହେବ । ତା ପରେ ସବ୍‌ସିଡି ପାଇଁ ଆନ୍ଦୋଳନ କରିବାକୁ ହେବ । ସୁଖର କଥା ଯେ ଗଞ୍ଜାମର ଯୁବ ଉଦ୍ୟୋଗୀମାନେ ମାନସିକ ସ୍ତରରେ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ପ୍ରସ୍ତୁତ । କେବଳ ସେମାନଙ୍କୁ ସଠିକ ବାଟ ଦେଖାଇବାକୁ ହେବ ।

ଉଦ୍ୟୋଗୀ ସୃଷ୍ଟି କିଭଳି କରାଯାଏ ? ଏ ସମ୍ପର୍କରେ ଅନେକ ତର୍କ ହୋଇଯାଇଛି । କେତେକ ବ୍ୟକ୍ତି ବିଶ୍ୱାସ କରନ୍ତି ଯେ ଉଦ୍ୟୋଗୀମାନେ ଜନ୍ମଗତ, ସେମାନଙ୍କୁ 'ସୃଷ୍ଟି' କରାଯାଇ ପାରିବ ନାହିଁ । ଗୁଜରାଟର ଲୋକେ ଜନ୍ମଗତ ଭାବରେ ଉଦ୍ୟୋଗୀ ପଞ୍ଜାବର ଲୋକେ ଜନ୍ମଗତ ଭାବରେ କୌଶଳ ପ୍ରତି ଆକୃଷ୍ଟ । କିନ୍ତୁ ଆଜିକାଲି ସେ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଯାଇଛି । ସମଗ୍ର ବିଶ୍ୱରେ ଏହା ସ୍ୱିକୃତ ଯେ

ସୁନାର ଗଞ୍ଜାମ

ଉଦ୍ୟୋଗୀ ସୃଷ୍ଟି କରାଯାଇ ପାରିବ । ୧୯୮୦ ଦଶକରେ ମୁଁ ରାଉରକେଲାସ୍ଥିତ ଜିଲ୍ଲା ଶିଳ୍ପ କେନ୍ଦ୍ରରେ ଜେନେରାଲ ମ୍ୟାନେଜର ଭାବରେ କାର୍ଯ୍ୟ କରିଥିଲି । କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ଉଦ୍ୟୋଗୀ ସୃଷ୍ଟି କରିବା ଥିଲା ଜିଲ୍ଲା ଶିଳ୍ପକେନ୍ଦ୍ରର ଉଦ୍ଦେଶ୍ୟ । କୃଷି ହେଉ ବା ଶିଳ୍ପ, ପର୍ଯ୍ୟଟନ ହେଉ ବା ହସ୍ତଶିଳ୍ପ – ସବୁଠାରେ ମୂଳ ପ୍ରଶ୍ନ ସମାନ । ଉଦ୍ୟୋଗୀ ସୃଷ୍ଟି କରିବାକୁ ହେଲେ ପ୍ରଥମ ପଦକ୍ଷେପ କ'ଣ ? ମୁଁ ଏଠାରେ ଯାହା କହିବାକୁ ଯାଉଛି ତାହା ମୋର ଅଭିଜ୍ଞତା ଉପରେ ପର୍ଯ୍ୟବସିତ ।

ଜଣେ ଉଦ୍ୟୋଗୀ ନିକଟରେ ଇଚ୍ଛାଶକ୍ତି ଥାଇପାରେ । କିନ୍ତୁ ତାହା ନିକଟରେ ଉପାୟ ନ ଥାଇପାରେ । ସେଥିପାଇଁ ତାକୁ କୃଷି, ଶିଳ୍ପ ବା ଅନ୍ୟ କୌଣସି କ୍ଷେତ୍ରରେ କ'ଣ ସମ୍ଭାବନା ରହିଛି ତାହା ଅବଗତ କରିବାକୁ ହେବ । କେବଳ ସେତିକି ଯଥେଷ୍ଟ ନୁହେଁ । ଯେଉଁ ନିର୍ଦ୍ଦିଷ୍ଟ ପ୍ରକଳ୍ପର ସମ୍ଭାବନା ରହିଛି ତାହାର ଆକାର କଅଣ ହେବ ତାହା ମଧ୍ୟ ଜଣାଇବାକୁ ହେବ । ଉଦାହରଣସ୍ୱରୂପ ଗଞ୍ଜାମରେ କଳତନ୍ତ ସ୍ଥାପନ ପାଇଁ ଯଥେଷ୍ଟ ସୁଯୋଗ ରହିଛି । କିନ୍ତୁ ଜଣେ ଉଦ୍ୟୋଗୀ କେତେଗୁଡ଼ିଏ ତନ୍ତ ବସାଇଲେ ତାହାର ଉତ୍ପାଦିତ କପଡ଼ା ବିକ୍ରି କରିବାରେ ଅସୁବିଧା ହେବ ନାହିଁ ଓ ସେ ସମ୍ମାନଜନକ ଲାଭ କରି ପାରିବ ସେ ବିଷୟରେ ତାହାର ଜ୍ଞାନ ନ ଥାଇପାରେ । ସେଥିପାଇଁ ତାକୁ ବୈଷୟିକ ଜ୍ଞାନ ଦିଆଯିବା ଜରୁରୀ । ଆଜିକାଲି ଇଣ୍ଟରନେଟ୍‌ରେ ଏ ବିଷୟରେ ଅନେକ ତଥ୍ୟ ମିଳି ପାରୁଛି । କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଫଳରେ ପ୍ରକଳ୍ପ ବିବରଣୀ ବା ପ୍ରୋଜେକ୍ଟ ରିପୋର୍ଟ ତିଆରି କରାଯାଇ ପାରୁଛି । କିନ୍ତୁ ତା ସତ୍ତ୍ୱେ ତାହାକୁ ଦିଗ୍‌ଦର୍ଶନ ଦେବା ପାଇଁ ଜଣେ ଜଣେ ମାର୍ଗଦର୍ଶକର ଆବଶ୍ୟକତା ଅଛି । ଓଡ଼ିଶାର ସଫଳ ଉଦ୍ୟୋଗୀମାନେ ସେଭଳି ଦିଗ୍‌ଦର୍ଶନ ଦେବା ପାଇଁ ଆଗେଇ ଆସିବା ଉଚିତ ।

ଉଦ୍ୟୋଗୀ ପ୍ରତିଷ୍ଠା ପାଇଁ ଆଉ ଏକ ବାଧକ ହେଲା ଅର୍ଥ । ଗୁଜରାଟ ବା ମହାରାଷ୍ଟ୍ର ଭଳି ରାଜ୍ୟରେ ନୂଆ ବ୍ୟବସାୟ ପ୍ରତିଷ୍ଠା କରିବାକୁ ହେଲେ ବଜାରରୁ ଅର୍ଥ ସଂଗ୍ରହ କରିବା ପାଇଁ ଅନେକ ବ୍ୟବସ୍ଥା ଅଛି । ପରିବାର, ବନ୍ଧୁ, ଶୁଭେଚ୍ଛୁ, ପେଶାଦାର ଅର୍ଥ ଲଗାଣକାରୀ । ଏ ଭଳି ଅନେକ ବିକଳ୍ପ ରହିଛି । ଓଡ଼ିଶାରେ ତାହା ସମ୍ଭବ ନୁହେଁ । ସେଥିପାଇଁ ଓଡ଼ିଶାର ଉଦ୍ୟୋଗୀମାନେ ବ୍ୟାଙ୍କ ଉପରେ ନିର୍ଭରଶୀଳ । ଓଡ଼ିଶା ଭଳି ରାଜ୍ୟରେ ବ୍ୟାଙ୍କମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଦ୍ୟୋଗୀମାନଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କମାନଙ୍କ ଉପରେ ରିଜର୍ଭ ବ୍ୟାଙ୍କରୁ ନିର୍ଦ୍ଦେଶ ରହିଛି । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ସହଜ ନୁହେଁ । ଏହାକୁ କିଭଳି ଭାବରେ ହାସଲ କରା ଯାଇପାରିବ ସେ ବିଷୟରେ ଆସନ୍ତା ସପ୍ତାହରେ ଆଲୋଚନା କରିବା ।

ସୀମା ପୁନଃନିର୍ଦ୍ଧାରଣ ଓ Gerrymandering : ବଢ଼ୁଛି ବିରୋଧିଙ୍କ ଭୟ

ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍‌କୁ କ୍ୟାବିନେଟ୍ ମୋହର



ନୂଆଦିଲ୍ଲୀ, ୨୮/୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର (ନଭେମ୍ବର ୨୭) ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ବିଲ୍‌କୁ ଅନୁମୋଦନ ମିଳିଛି । ନୂଆଦିଲ୍ଲୀର ସେବା ତୀର୍ଥରେ ବସିଥିବା ଏହି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଦେଶର ସମସ୍ତ ରାଜ୍ୟରେ ଲୋକସଭା ଓ ବିଧାନସଭା ଆସନ ସଂଖ୍ୟାରେ ସମାନ ଭାବେ ୫୦ ପ୍ରତିଶତ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ଆଗାମୀ ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏହି ବିଲ୍ ଆଗତ କରାଯିବ । ନୂତନ ସୂତ୍ର ଅନୁଯାୟୀ, ପ୍ରତି ରାଜ୍ୟର ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ୫୦ ପ୍ରତିଶତ ବୃଦ್ଧି ପାଇବ । ଏହାଦ୍ୱାରା ଲୋକସଭାର ମୋଟ ଆସନ ସଂଖ୍ୟା ୫୪୩ରୁ ବଢ଼ି ସର୍ବାଧିକ ୮୫୦ ପର୍ଯ୍ୟନ୍ତ ହୋଇପାରିବ । ସୀମା ପୁନଃନିର୍ଦ୍ଧାରଣକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଅସନ୍ତୋଷ ଦୂର କରିବା ପାଇଁ ସରକାର ଏକ ମଧ୍ୟମ ପନ୍ଥା ଆପଣାଇଛନ୍ତି । ସମସ୍ତ ରାଜ୍ୟର ଆସନ ସମାନ ଅନୁପାତରେ

- ବଢ଼ିବ ୫୦% ଆସନ
- ଓଡ଼ିଶାରେ ଲୋକସଭା ସିଟ୍ ୩୨ ଓ ବିଧାସଭା ୨୨୧କୁ ବୃଦ୍ଧି

ବଢ଼ିବାକୁ ଥିବାରୁ ସଂସଦରେ କୌଣସି ରାଜ୍ୟର ଆନୁପାତିକ ଭାଗ ବା ଗୁରୁତ୍ୱ କମିବ ନାହିଁ । ଏହି ବ୍ୟବସ୍ଥା ୨୦୫୧ ମସିହା ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ । ୨୦୨୩ରେ ପାରିତ ହୋଇଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ (୧୦୬ତମ ସମ୍ବିଧାନ ସଂଶୋଧନ) ଅନୁଯାୟୀ, ଜନଗଣନା ଏବଂ ସୀମା ପୁନଃନିର୍ଦ୍ଧାରଣ ପରେ ହିଁ ମହିଳା ସଂରକ୍ଷଣ ଲାଗୁ ହେବାର ସର୍ତ୍ତ ରହିଥିଲା । ଏବେ କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଥିବା ନୂତନ ସଂଶୋଧନ ବିଲ୍‌ରେ ଜନଗଣନାର ସର୍ତ୍ତକୁ ହଟାଇ ଦିଆଯାଇଛି । ଫଳରେ ଆଗାମୀ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ ହେବା ସହଜ ହେବ । ଏହି ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ କେନ୍ଦ୍ର ସରକାର ଏକ ସୀମା ପୁନଃନିର୍ଦ୍ଧାରଣ ଆୟୋଗ ଗଠନ କରିବେ । ଏଥିରେ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷ ରହିବା ସହ ମୁଖ୍ୟ ପୃଷ୍ଠା-୭

ନ୍ୟାୟଯୁକ୍ତ ସଂସ୍କାର ହେବ ନା ନିର୍ବାଚନ ପୂର୍ବରୁ ବଦଳିଯିବ ଫଳାଫଳ?

ନୂଆଦିଲ୍ଲୀ, ୨୮/୧୧ : ଆଗାମୀ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ଭାରତୀୟ ରାଜନୀତିରେ Gerrymandering ଆଶଙ୍କା ତୀବ୍ର ହୋଇଛି । ରାଜନୈତିକ ସ୍ୱାର୍ଥ ପାଇଁ ନିର୍ବାଚନ ମଣ୍ଡଳୀର ସୀମା ଏପରି ଭାବେ ଅଙ୍କାଯିବାର ଆଶଙ୍କାକୁ ନେଇ ବିରୋଧୀ ଦଳଗୁଡ଼ିକ ସତର୍କ ହୋଇଛନ୍ତି । ବିରୋଧୀ ଭୋଟରଙ୍କୁ ଗୋଟିଏ ଆସନରେ କେନ୍ଦ୍ରିତ କରିବା, ଯାହାଦ୍ୱାରା ସେମାନେ ଗୋଟିଏ ଆସନରେ ବଡ଼ ବ୍ୟବଧାନରେ ଜିତିଲେ ମଧ୍ୟ ଅନ୍ୟ ଆସନରେ ପ୍ରଭାବ କମିଯାଏ । ବିରୋଧୀ ଭୋଟରଙ୍କୁ ଭାଙ୍ଗି ଏକାଧିକ ଆସନରେ ବାଣ୍ଟି ଦେବା, ଫଳରେ କୌଣସି ଆସନରେ ସେମାନେ ନିର୍ଣ୍ଣାୟକ ହୋଇପାରନ୍ତି ନାହିଁ। ପ୍ରଭାବଶାଳୀ

ପ୍ୟାକିଂ, କ୍ରାକିଂ ଓ ଆମେରିକାର ଉଦାହରଣରୁ ବିରୋଧୀଙ୍କ ଚିନ୍ତା

- ଭାରତରେ ସୀମା ପୁନଃନିର୍ଦ୍ଧାରଣର ଇତିହାସ
- 'Gerrymandering' ଶବ୍ଦର ଉତ୍ପତ୍ତି ଓ ଆମେରିକାର ପ୍ରସଙ୍ଗ
- ଓଡ଼ିଶାରେ ୨୦୦୮ ପରିବର୍ତ୍ତନ ଓ ବର୍ତ୍ତମାନର ଚିନ୍ତା

ବିରୋଧୀ ନେତାଙ୍କ ପ୍ରଭାବ କ୍ଷେତ୍ରକୁ ଗୋଟିଏ ଆସନରେ ଏକତ୍ର କରିବା ।

ଗତ ଶତର୍ଷ ଏଲବ୍ରିଜ୍ ଗ

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ଜିଲ୍ଲାସ୍ତରୀୟ ସହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳିତ

ମାଲକାନଗିରି, ୨୮/୧୧ (ସୁରେନ୍ଦ୍ର କୁମାର ବେମାଳ) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗଦେଇ ସହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସମବେତ ଛାତ୍ରୀ ଓ ଅତିଥିମାନଙ୍କୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଧାନ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ନିଜର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେଇଆସିଛି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ ଓ ଅସୀମ ତ୍ୟାଗ ସମଗ୍ର ଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଯୁବପିଢ଼ି ଓ ଛାତ୍ରୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା ଉଚିତ । ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ କହିଥିଲେ ଯେ ସହୀଦ ଲକ୍ଷ୍ମଣ ନାୟକ କେବଳ ଜଣେ ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ବରଂ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ । ଆଜିର ଛାତ୍ରଛାତ୍ରୀମାନେ ତାଙ୍କର ସତ୍ୟନିଷ୍ଠା, ଶୃଙ୍ଖଳା ଓ ସମାଜ ସଂସ୍କାରମୂଳକ ଚିନ୍ତାଧାରାକୁ ନିଜ ଜୀବନରେ ଆପଣାଇବା



ଆବଶ୍ୟକ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଂଜନ ପାଣିଗ୍ରାହୀ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧ୍ୟାପକ ଡଃ ରଞ୍ଜନ ସ୍ୱାଇଁ, ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ନିହାର ରୟ ଏବଂ କନ୍ଧ ସମାଜ ସଭାପତି ହରି ଗୋଲରା ପ୍ରମୁଖ ଯୋଗଦେଇ ସହୀଦଙ୍କ ଜୀବନୀ, ନିଶା ନିବାରଣ, ବାଲ୍ୟବିବାହ ଓ ଜାତିପ୍ରଥା ବିରୋଧରେ ତାଙ୍କର ସଂଗ୍ରାମ ଉପରେ ଆଲୋକପାତ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ମଧୁମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ହରେକୃଷ୍ଣ କାର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

ବଣସୀମା ଆଞ୍ଚଳିକ ବିକାଶପରିଷଦ ପକ୍ଷରୁ ୬୯ତମ ଗଡ଼ଜାତ ମିଶ୍ରଣ ଦିବସ ପାଳିତ

ନୀଳଗିରି, ୨୮/୧୧ (ଜେଏନ୍‌ଏସ୍) : ଓଡ଼ିଶା ରାଜନୈତିକ ଇତିହାସରେ ପ୍ରଜାମଣ୍ଡଳ ଆନ୍ଦୋଳନ ତଥା ଦେଶୀୟରାଜ୍ୟ ମିଶ୍ରଣ ଏକ ଗୌରବମୟ ଅଧ୍ୟାୟର ଅଲିଭା ଶିଖା । ସଂଗ୍ରାମୀ ମାଟି ନୀଳଗିରି ସଂଘର୍ଷ ଓ ବିପ୍ଳବର ମାଟି । ପ୍ରଜାଆନ୍ଦୋଳନ ମାଧ୍ୟମରେ ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନକୁ ବିରୋଧକରି ବହୁ ସଂଗ୍ରାମୀ ଜୀବନ ବଳିଦାନ ଦେଇଥିଲେ ।



ଶେଷରେ କ୍ରୁର ଦ୍ୱୈତଶାସନର ପରାଧୀନତାର ଶୃଙ୍ଖଳରୁ ବନ୍ଧନମୁକ୍ତ ହୋଇ ଆଲୋକର ଶିଖା ଦେଖିଥିଲେ । ୧୯୪୭ମସିହା ଅଗଷ୍ଟ ୧୫ତାରିଖରେ ଦେଶ ସ୍ୱାଧୀନ ହୋଇଥିଲେ ହେଁ ୫୬୫ଟି ଦେଶୀୟରାଜ୍ୟ ବା ଗଡଜାତ ରାଜ୍ୟ ଭାରତବର୍ଷରେ ସାମିଲ ହୋଇନଥିଲେ । ନୀଳଗିରି ଗଡଜାତ ପ୍ରଥମେ ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ ନଭେମ୍ବର ୧୪ତାରିଖ ଦିନ ନିଃସର୍ତ୍ତଭାବେ ସ୍ୱାଧୀନଭାରତରେ ସାମିଲହୋଇ ଅନ୍ୟ ଗଡଜାତରାଜ୍ୟ ପାଇଁ ପଥ ପ୍ରଦର୍ଶକ ସାଜିଥିଲା । ଏହି ପ୍ଲାବନ ଐତିହାସିକ ମୁହୂର୍ତ୍ତକୁ ଉଜ୍ଜୀବିତ ରଖିବାପାଇଁ ପ୍ରତିବର୍ଷ ନଭେମ୍ବର ୧୪ତାରିଖରେ ଗଡଜାତ ମିଶ୍ରଣ ଦିବସ ପାଳିତ ହୋଇଆସୁଛି । ଏହି ଅବସରରେ ନୀଳଗିରି ବ୍ଲକ୍ ତେଲିପାଲ ହାଇସ୍କୁଲ ଠାରେ ବଣସୀମା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ୬୯ତମ ଐତିହାସିକ ମୁକ୍ତିଦିବସ ବା ଗଡଜାତ ମିଶ୍ରଣ ଦିବସ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ମୁଖ୍ୟବକ୍ତା କୁଳମଣି ବାରିକ, ସମ୍ମାନିତଅତିଥି ଶରତଚନ୍ଦ୍ର ମହାନ୍ତି, ସୁବର୍ଣ୍ଣଶ୍ରୀ ର ସମ୍ପାଦକ କାଳିପଦ ପଣ୍ଡା,ଡଃ ଅମରେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ , ବଣସୀମା ବିକାଶପରିଷଦର ସଭାପତି ସୁରେଶ ଶଙ୍ଖୁଆ, ସମ୍ପାଦକ ଅମରେନ୍ଦ୍ର ନାୟକ, ସୁରେଶ ନାୟକ ମଞ୍ଚାସୀନରହି ଏହି ଐତିହାସିକ ମିଶ୍ରଣର ଗାଥା ବିଷୟରେ ବ୍ୟାଖ୍ୟାନ କରିଥିଲେ । ମାନସ ମିଶ୍ର ମଞ୍ଚପରିଚାଳନା କରିଥିବା ବେଳେ ମାନବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରଥମ ଗଡଜାତ ପୁସ୍ତିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପରେ ଶ୍ରେଷ୍ଠକୃଷକ ଭାବେ ଗୋଲକ ଚନ୍ଦ୍ର ଜେନାଙ୍କୁ କୃଷକରତ୍ନ ସମ୍ମାନ, ଶ୍ରେଷ୍ଠ ସାହିତ୍ୟପ୍ରାଣ ସମ୍ମାନ କାର୍ତ୍ତିକ ଚନ୍ଦ୍ର ବାରିକ, ମହିଷାସୁରି ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ଶ୍ରେଷ୍ଠ ସଂଘସହାୟକ ସମ୍ମାନ, ଉତ୍କଳଦୀପିକା ସାମ୍ବାଦିକ ସମ୍ମାନ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ବେହେରା, ଚିତ୍ରଶିଳ୍ପୀ ପ୍ରଦୀପ ପାତ୍ର ଏବଂ ବ୍ରଜକିଶୋର ପାଣିଙ୍କୁ ଗୌରୀଶଙ୍କର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ଖଟି



ନୟାଗଡ଼, ୨୮/୧୧ (ଜେଏନ୍‌ଏସ୍) : ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରିନ୍ସ ହୋଟେଲଠାରେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ସାମ୍ବାଦିକ ଖଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା କଂଗ୍ରେସ ପ୍ରଭାରୀ ମାନସ ଚୌଧୁରୀ ଯୋଗଦେଇ ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାସଙ୍କ ସମେତ ମନୋଜ କୁମାର ସାହୁ, ସତ୍ୟ ପ୍ରକାଶ ନାୟକ, ହୁସେନ ଖାଁ, କମଳ ଲୋଚନ ସାହୁ, ଛାତ୍ର ସଂସଦ ସଭାପତି ଶିବପ୍ରସାଦ ସାହୁ, ଦିଲୀପ ବିଶୋଇ, ଅରବିନ୍ଦ ପାଢ଼ୀ, ସୁରେନ୍ଦ୍ର ନାୟକ ଓ ଜିତେନ୍ଦ୍ର ଦଳେଇଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସାମ୍ପ୍ରତିକ ଜିଲ୍ଲାର ବିଭିନ୍ନ ପ୍ରସଙ୍ଗ ଓ ସାମାଜିକ ସମସ୍ୟା ଉପରେ ଭାବ ବିନିମୟ ସହ ଆଲୋଚନା ହୋଇଥିଲା । କଂଗ୍ରେସ ନେତୃବୃନ୍ଦ ଓ ସାମ୍ବାଦିକଙ୍କ ମଧ୍ୟରେ ଏହି ଖଟି କାର୍ଯ୍ୟକ୍ରମ ଏକ ମତ ବିନିମୟର ମାଧ୍ୟମ ପାଲଟିଥିଲା ।

ଜାତୀୟସ୍ତରରେ ଚମକିଲେ ଭବାନୀପାଟଣାର ଛାତ୍ର ସ୍ୱୟଂଜିତ୍ ନାୟକ



କଳାହାଣ୍ଡି, ୨୮/୧୧ (ଗୁପ୍ତେଶ୍ୱର ହାଡା) : ଭବାନୀପାଟଣା ଜିଲ୍ଲା ଭବାନୀପାଟଣା ପାଇଁ ଗୌରବ ଆଣିଛନ୍ତି କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପାଟଣାର ମେଧାବୀ ଛାତ୍ର ସ୍ୱୟଂଜିତ୍ ନାୟକ । ନିଜର ପ୍ରତିଭା, ଅଧ୍ୟବସାୟ ଓ ବୈଜ୍ଞାନିକ ଚିନ୍ତାଧାରା ବଳରେ ସେ ଦୁଇଟି ପ୍ରତିଷ୍ଠିତ ଜାତୀୟ ସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି । ସ୍ୱୟଂଜିତ୍ ଜାତୀୟ ବାଳ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇ ସିକନ୍ଦରାବାଦଠାରେ ନିଜର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି । ଏଥିସହ ତାଙ୍କର ଅନ୍ୟ ଏକ ବିଜ୍ଞାନ ପ୍ରକଳ୍ପ ପ୍ରତିଷ୍ଠିତ IRIS National Fair ପାଇଁ ମଧ୍ୟ ମନୋନୀତ ହୋଇଛି । ଆସନ୍ତା ନଭେମ୍ବର ୨୩ ଓ ୨୪ ତାରିଖରେ ଗୁଜରାଟର ଅହମ୍ମଦାବାଦଠାରେ ଆୟୋଜିତ ଏହି ଜାତୀୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ସେ ନିଜର ପ୍ରକଳ୍ପ ଉପସ୍ଥାପନ କରିବେ ।

ଜଣେ ଛାତ୍ରଙ୍କ ଦ୍ୱାରା ଦୁଇଟି ପ୍ରତିଷ୍ଠିତ ଜାତୀୟ ସ୍ତରର ବିଜ୍ଞାନ ମଞ୍ଚରେ ସ୍ଥାନ ପାଇବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା । ଏହା ତାଙ୍କର ନିରନ୍ତର ପରିଶ୍ରମ, ଗବେଷଣା ପ୍ରତି ଆଗ୍ରହ ଓ ନୂତନ ଚିନ୍ତାଧାରାର ପରିଚୟ ଦେଉଛି । ସ୍ୱୟଂଜିତଙ୍କ ଏହି ସଫଳତାରେ ତାଙ୍କ ପରିବାର, ଶିକ୍ଷକ, ବିଦ୍ୟାଳୟ ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଆନନ୍ଦ ଓ ଗର୍ବର ପରିବେଶ ସୃଷ୍ଟି ହୋଇଛି । ତାଙ୍କର ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ, ଗବେଷଣା ଓ ନବସୃଜନ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ । ସ୍ୱୟଂଜିତ୍ ନାୟକଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ତାଙ୍କୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ । ଭବିଷ୍ୟତରେ ମଧ୍ୟ ସେ ଏଭଳି ସଫଳତାର ଧାରା ଜାରି ରଖି ନିଜ ବିଦ୍ୟାଳୟ, ଜିଲ୍ଲା ଓ ରାଜ୍ୟର ଗୌରବ ବୃଦ୍ଧି କରନ୍ତୁ ।

ପେନ୍‌ସନ୍ ପୋର୍ଟାଲ ଉଦ୍‌ଘାଟିତ



ସୋରଡ଼ା, ୨୮/୧୧ (ଜେଏନ୍‌ଏସ୍) : ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନି କକ୍ଷରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ଏକିକୃତ ପେନସନ ପୋର୍ଟାଲ ପୌରାଞ୍ଚଳସ୍ତରୀୟ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ନୀଳମଣି ବିଶୋଇ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ୯୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ସହ ଏହି ଅତ୍ୟାଧୁନିକ ପୋର୍ଟାଲର କାର୍ଯ୍ୟ ପ୍ରଣାଳୀ ଓ ଉପଯୋଗିତା ବିଷୟରେ ହିତାଧିକାରୀଙ୍କୁ ସୂଚନା ଦେଇ କହିଥିଲେ ଏକିକୃତ ପେନସନ ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ କରିବା ସହ ଯୋଗ୍ୟ ହିତାଦ୍ଧିକରାଙ୍କ ନିକଟରେ ସରକାରୀ ସହାୟତା ସୁନିଶ୍ଚିତ କରିବା ଆମ ସରକାରଙ୍କ ଲକ୍ଷ୍ୟ । ଆମ ମୁଖ୍ୟମନ୍ତ୍ରୀଙ୍କ ମୂଳ ମନ୍ତ୍ର ହେଉଛି ସମାଜରେ ଥିବା ଶେଷ ଧାଡ଼ିରେ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ କିପରି ସରକାରୀ ଯୋଜନାର ସୁଫଳ ପହଞ୍ଚି ପରିବା ସଙ୍ଗେ ସଙ୍ଗେ ବୋୟକେଷ୍ଟ ବ୍ୟକ୍ତି, ବିଧବା ମା ଓ ଦିବ୍ୟାଙ୍ଗ ଭାଇଭଉଣୀଙ୍କ ଆର୍ଥିକ ସହାୟତା ପାଇବା ସଙ୍ଗେ ସଙ୍ଗେ ସେମାନଙ୍କର ଆତ୍ମବିଶ୍ୱାସ, ସାମାଜିକ ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନରେ ଏହି ପୋର୍ଟାଲ କାର୍ଯ୍ୟ କରିବ ।

ପଲ୍‌ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ମାଲକାନଗିରି, ୨୮/୧୧ (ସୁରେନ୍ଦ୍ର କୁମାର ବେମାଳ) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି ଠାରେ ଜିଲ୍ଲାସ୍ତରୀୟ ସମନ୍ୱିତ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଦୁଇ ବୁନ୍ଦା ପୋଲିଓ ଔଷଧ ଖୁଆଇ ଏହି ଅଭିଯାନର ଉଦ୍‌ଘାଟନ କରିଥିଲେ ।

ଏହି ଅଭିଯାନ ମାଧ୍ୟମରେ ଆଜି ଜିଲ୍ଲାର ପ୍ରାୟ ୭୪,୫୪୨ ଜଣ ଜନ୍ମରୁ ୫ ବର୍ଷ ବୟସର ଶିଶୁଙ୍କୁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିସରରେ ଥିବା ପଲ୍ସ ପୋଲିଓ ବୁଥରେ ଟୀକା ପ୍ରଦାନ କରାଯାଉଛି । ଏଥିପାଇଁ ଜିଲ୍ଲାରେ ୭୫୨ଟି ପୋଲିଓ ଟୀକାଦାନ କେନ୍ଦ୍ର, ୫୨ଟି ମୋବାଇଲ ଦଳ ଏବଂ ୫୮ଟି ଟ୍ରାଞ୍ଜିଟ୍ ଦଳ ଗଠନ କରାଯାଇଛି । ଯେଉଁ ଶିଶୁମାନେ ଆଜି ଟୀକା ନେବାରୁ ବଞ୍ଚିତ ହେବେ, ସେମାନଙ୍କୁ ଆସନ୍ତା ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ । ଜିଲ୍ଲାର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳର କୌଣସି ବି ଯୋଗ୍ୟ ଶିଶୁ ଯେପରି ଟୀକାକରଣରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସମସ୍ତ ଅଭିଭାବକ ସଚେତନ ହୋଇ ନିଜ ଶିଶୁଙ୍କୁ ନିକଟସ୍ଥ ବୁଥକୁ ଆଣି ପୋଲିଓ ବୁନ୍ଦା ଖୁଆଇବାକୁ ସେ ନିବେଦନ କରିଥିଲେ । ଆଜିର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ପଣ୍ଡା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଏମ୍. ଏମ୍. ଆବିଦ ହୁସେନ୍, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ-ପରିବାର କଲ୍ୟାଣ ଡା. ମିନତୀ ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡଃ ମୌସୁମୀ ମିଶ୍ର, ୟୁନିସେଫ୍‌ର ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଚକ୍ରଧର ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ପୋଲିଓ ଡ୍ରପ୍ ଦେଉଛି ଅଷ୍ଟମ ଶ୍ରେଣୀର ନାବାଳିକା

ସ୍ୱାସ୍ଥ୍ୟ ବିଭାଗର ନିଯୁକ୍ତିକୁ ନେଇ ଉଠିଲା ସାଂଘାତିକ ପ୍ରଶ୍ନ

ଗଜପତି, ୨୮/୧୧ (ଜେଏନ୍‌ଏସ୍) : ପିଲାଙ୍କ ସୁରକ୍ଷା ପାଇଁ ସରକାରଙ୍କ ପୋଲିଓ ଅଭିଯାନ, କିନ୍ତୁ ଏହି ଅଭିଯାନରେ ନାବାଳିକାଙ୍କୁ ନିୟୋଜିତ କରାଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ପାରଳାଖେମୁଣ୍ଡି ରେଳଷ୍ଟେସନ ଗେଟ୍ ସମ୍ମୁଖରେ ପୋଲିଓ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପ୍ରାୟ ୧୨ରୁ ୧୩ ବର୍ଷର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଛୋଟ ଛୋଟ ପିଲାଙ୍କୁ ପୋଲିଓ ଡ୍ରପ୍ ଦେଉଥିବା ଦେଖିବାକୁ ମିଳିଥିଲା । ସାମ୍ବାଦିକଙ୍କ ପ୍ରଶ୍ନରେ ନାବାଳିକା ଜଣକ କହିଥିଲେ ଯେ, ମେଡିକାଲ ଅଫିସରଙ୍କ ନିର୍ଦ୍ଦେଶରେ ତାଙ୍କୁ ଏଠାରେ ନିୟୋଜିତ କରାଯାଇଛି । ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାମ କଲେ ଦୈନିକ ୭୫ ଟଙ୍କା ମିଳିବ ବୋଲି ତାଙ୍କୁ କୁହାଯାଇଥିବା ସେ ପ୍ରକାଶ କରିଥିଲେ । ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପୋଲିଓ ଟିକାକରଣ ଭଳି ସମ୍ବେଦନଶୀଳ କାର୍ଯ୍ୟରେ ଜଣେ ଅପ୍ରଶିକ୍ଷିତ ନାବାଳିକାଙ୍କୁ କେଉଁ ଆଧାରରେ ନିୟୋଜିତ କରାଗଲା? ତାଙ୍କୁ କୌଣସି ତାଲିମ ଦିଆଯାଇଥିଲା କି? ଏହା ସହିତ ଶିଶୁ ଶ୍ରମ ସମ୍ପର୍କିତ ନିୟମ ପାଳନ ହୋଇଛି କି ନାହିଁ, ତାହା ମଧ୍ୟ ତଦନ୍ତସାପେକ୍ଷ । ଅନ୍ୟପକ୍ଷରେ, ସମ୍ପୃକ୍ତ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ସାମ୍ବାଦିକ ପହଞ୍ଚିବା ପରେ ସେ କ୍ୟାମେରା ସାମ୍ନାରୁ ଚାଲିଯାଇଥିବା ଅଭିଯୋଗ ହୋଇଛି । ବାହାରେ ହୋଟେଲ, ଗ୍ୟାରେଜ୍‌ରେ ନାବାଳକ କାମ କଲେ ଶିଶୁ ଶ୍ରମ ବିରୋଧରେ ପ୍ରଶାସନ ପଦକ୍ଷେପ ନେଉଛି । ତେବେ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନାବାଳିକାଙ୍କୁ ନିୟୋଜିତ କରାଯାଇଥିବା ଅଭିଯୋଗ ଉପରେ କାହିଁକି ନୀରବତା? ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ନିଯୁକ୍ତିଦାତା ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକା ଯାଞ୍ଚ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ଉଠୁଛି ।

ଶ୍ରୀ ପୁଡୁଗେଶ୍ୱର୍ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ




ସୋରଡ଼ା, ୨୮/୧୧ (ଜେଏନ୍‌ଏସ୍) : ଭସାଇ ପ୍ରାୟ ୨୦୦ ବର୍ଷର ବହୁ ପୁରାତନ ଶ୍ରୀ ପୁଡୁଗେଶ୍ୱର ଶୈବ ପୀଠରେ ମହା ଆଡମ୍ବରରେ ଭକ୍ତି ଭାବର ସହ ପାଳନ କରିଛନ୍ତି । ଖଲାବାଡି ଗ୍ରାମର କୀର୍ତ୍ତନ ମଣ୍ଡଳୀ ମନ୍ଦିରରେ ବାଦ୍ୟ ଯନ୍ତ୍ର ପୂଜା କରିବା ସଙ୍ଗେ ସଙ୍ଗେ କୀର୍ତ୍ତନ ପରିବେଷଣ କରି ଭକ୍ତ ମାନଙ୍କ ମଧ୍ୟରେ ଭକ



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ବଢ଼ିଲା ଜାକିର ନାଏକଙ୍କ ଅଡୁଆ

'ଆଇଆରଏଫ୍' ପାଣ୍ଠି ଜବତ କରିବେ ରାଜ୍ୟ ସରକାର



ନୂଆଦିଲ୍ଲୀ, ୨୮/୧୧ : ପଳାତକ ଇସଲାମିକ୍ ଧର୍ମପ୍ରଚାରକ ଜାକିର ନାଏକଙ୍କ ଦ୍ୱାରା ପ୍ରତିଷ୍ଠିତ ନିଷିଦ୍ଧ ସଂଗଠନ 'ଇସଲାମିକ୍ ରିସର୍ଚ୍ଚ ଫାଉଣ୍ଡେସନ' ବିରୋଧରେ କେନ୍ଦ୍ର ସରକାର ନିଜର କାର୍ଯ୍ୟାନୁଷ୍ଠାନକୁ ଆହୁରି କଡ଼ାକଡ଼ି କରିଛନ୍ତି। ଆଇଆରଏଫ୍‌ର ଆର୍ଥିକ ସ୍ରୋତ ଏବଂ ସ୍ଥାବର ଅସ୍ଥାବର ସମ୍ପତ୍ତି ଉପରେ ତୁରନ୍ତ ରୋକ୍ ଲଗାଇବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ବ୍ୟାପକ କ୍ଷମତା ପ୍ରଦାନ କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି।

ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ବା ୟୁଏପିଏ, ୧୯୬୭ର ଧାରା ୪୨ ଅନୁଯାୟୀ କେନ୍ଦ୍ର ସରକାର ନିଜର କ୍ଷମତାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ହସ୍ତାନ୍ତର କରିଛନ୍ତି। ଏହି ନିଷ୍ପତ୍ତି ଫଳରେ ଏବେ ରାଜ୍ୟ ସରକାରମାନେ ୟୁଏପିଏର ଧାରା ୭ ଏବଂ ଧାରା ୮ ଅଧୀନରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ପାଣ୍ଠି ଓ ବ୍ୟାଙ୍କ ଆକାଉଣ୍ଟ ଜବତ ଧାରା ୭ ଅନୁଯାୟୀ, ଆଇଆରଏଫ୍ ସହ ଜଡ଼ିତ କିମ୍ବା ସଂଗଠନ ପାଇଁ ବ୍ୟବହୃତ ହେଉଥିବା କୌଣସି ବି ଟଙ୍କା, ସିକ୍ୟୁରିଟି କିମ୍ବା ଆର୍ଥିକ ସମ୍ପତ୍ତିର କାରବାର ଓ ହସ୍ତାନ୍ତର ଉପରେ ରାଜ୍ୟ ସରକାର ଲିଖିତ ନିର୍ଦ୍ଦେଶ ଜରିଆରେ ରୋକ୍ ଲଗାଇପାରିବେ। ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଗେଜେଟେଡ୍ ଅଧିକାରୀ ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସଂସ୍ଥାର କାର୍ଯ୍ୟାଳୟ ଯାଞ୍ଚ କରିବା ସହ ଆର୍ଥିକ ନଥିପତ୍ରର ତଦନ୍ତ କରିପାରିବେ।

ବେଆଇନ ସଂଗଠନର କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଥିବା କୌଣସି ଘର, କୋଠା ବା ସ୍ଥାନକୁ ରାଜ୍ୟ ସରକାର ବିଜ୍ଞପ୍ତି ଜରିଆରେ ସିଲ୍ କରିପାରିବେ। ଜିଲ୍ଲା ମାଜିଷ୍ଟ୍ରେଟ୍ ସମ୍ପୃକ୍ତ ସ୍ଥାନରେ ଥିବା ସାମଗ୍ରୀର ତାଲିକା ପ୍ରସ୍ତୁତ କରିବା ସହ ସେଠାକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରିପାରିବେ ଏବଂ ପୋଲିସ ଅଧିକାରୀମାନେ ସେଠାରେ ତଲାସୀ ନେଇପାରିବେ।

ଉଲ୍ଲେଖଯୋଗ୍ୟ ଯେ, ଗତ ନଭେମ୍ବର ୧୩ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୟୁଏପିଏ ଧାରା ୩(୧) ଏବଂ ୩(୩) ଅନୁଯାୟୀ ଆଇଆରଏଫ୍ ଉପରୁ ପ୍ରତିବନ୍ଧକକୁ ଆଉ ୫ ବର୍ଷ (୨୦୩୧ ପର୍ଯ୍ୟନ୍ତ) ବୃଦ୍ଧି କରିଥିଲେ। ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ସହ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରୁଥିବା ଅଭିଯୋଗରେ ଏହି ସଂଗଠନକୁ ପୁଣିଥରେ 'ବେଆଇନ ସଂଗଠନ' ଭାବେ ଘୋଷଣା କରାଯାଇଛି। ୧୯୯୧ ମସିହାରେ ମୁମ୍ବାଇଠାରେ ଜାକିର ନାଏକ ଏହି ସଂଗଠନ ପ୍ରତିଷ୍ଠା କରିଥିଲେ। ଯୁବବର୍ଗଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଉସୁକାଇବା ଏବଂ ଧାର୍ମିକ ବିଦ୍ୱେଷ ପ୍ରଚାର କରିବା ଅଭିଯୋଗରେ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ନଭେମ୍ବର ୨୦୧୬ରେ ଆଇଆରଏଫ୍‌କୁ ନିଷିଦ୍ଧ କରିଥିଲେ। ପରବର୍ତ୍ତୀ ସମୟରେ ନଭେମ୍ବର ୨୦୨୧ ଏବଂ ଚଳିତ ମାସ (ନଭେମ୍ବର ୨୦୨୬)ରେ ଲଗାତାର ତୃତୀୟ ଥର ପାଇଁ ଏହି ନିଷେଧାଦେଶକୁ ବଢ଼ାଯାଇଛି। ଭାରତରୁ ଫେରାର ହେବା ପରେ ଜାକିର ନାଏକ ବର୍ତ୍ତମାନ ମାଲେସିଆରେ ଆଶ୍ରୟ ନେଇଛନ୍ତି। କେନ୍ଦ୍ରର ଏହି ନୂଆ ନିର୍ଦ୍ଦେଶନାମା ପରେ ଦେଶର ବିଭିନ୍ନ ରାଜ୍ୟରେ ଲୁଚି ରହିଥିବା ଆଇଆରଏଫ୍‌ର ନେଟୱାର୍କ ଏବଂ ଆର୍ଥିକ ସହାୟତାକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହଜ ହେବ।

ନଭେମ୍ବର ୩୦ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ

ପୁଣି ଆଗତ ହୋଇପାରେ ସୀମା ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍



- ନଭେମ୍ବର ୩୦ରେ ଲୋକସଭା ଓ ଡିସେମ୍ବର ୨ରେ ବସିବ ରାଜ୍ୟସଭା
- ଡିସେମ୍ବର ୩ ପର୍ଯ୍ୟନ୍ତ ଚାଲିବ ବୈଠକ
- ଗୃହରେ ସଂଖ୍ୟାଗଣିତକୁ ନେଇ ରାଜନୈତିକ ଉତ୍ସୁକତା

ନୂଆଦିଲ୍ଲୀ, ୨୮/୧୧ : କେନ୍ଦ୍ର ସରକାର ଆସନ୍ତା ନଭେମ୍ବର ୩୦ ତାରିଖରୁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଗୁରୁବାର ସୂଚନା ଦେଇ କହିଛନ୍ତି ଯେ, "ଅତ୍ୟାବଶ୍ୟକୀୟ ସରକାରୀ କାର୍ଯ୍ୟ" ସମ୍ପାଦନ ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନଙ୍କୁ ଉଭୟ ଗୃହ ପୁନର୍ବାର ଡକାଇବାକୁ ଅନୁରୋଧ କରାଯାଇଛି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ, ନଭେମ୍ବର ୩୦ରେ ଲୋକସଭା ଏବଂ ଡିସେମ୍ବର ୨ରେ ରାଜ୍ୟସଭା ବୈଠକ ଆରମ୍ଭ ହେବ। ସରକାରୀ କାର୍ଯ୍ୟକୁ ଦୃଷ୍ଟିରେ ରଖି ଡିସେମ୍ବର ୩ ତାରିଖରେ ଉଭୟ ଗୃହର କାର୍ଯ୍ୟ ଶେଷ ହେବାର ସମ୍ଭାବନା ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୧୩ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ହୋଇଥିଲା, କିନ୍ତୁ ଏହାକୁ ଆନୁଷ୍ଠାନିକ ଭାବେ ସମାପ୍ତ କରାଯାଇ ନଥିଲା। ରେକର୍ଡ ୧୦୪ ଦିନ ଧରି ଅଧିବେଶନ ଖୋଲା ରହିଥିବାରୁ, ନିୟମ ଅନୁଯାୟୀ ନୂତନ ଅଧିବେଶନ ପାଇଁ ୧୪ ଦିନିଆ ନୋଟିସ୍ ବଦଳରେ ମାତ୍ର ୨ ଦିନର ସ୍ୱଳ୍ପ ନୋଟିସ୍‌ରେ ସରକାର ଏହି ସ୍ୱତନ୍ତ୍ର ବୈଠକ ଡକାଇବାକୁ ସକ୍ଷମ ହୋଇଛନ୍ତି। ନଭେମ୍ବର ୨୭ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତୀୟ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି।

ସରକାରଙ୍କ ପକ୍ଷରୁ ଏଜେଣ୍ଡା ସମ୍ପର୍କରେ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରାଯାଇ ନଥିଲେ ମଧ୍ୟ, ଏହି ସ୍ୱତନ୍ତ୍ର ଅଧିବେଶନରେ ସଂଶୋଧିତ ସୀମା ନିର୍ଦ୍ଧାରଣ ବିଲ୍ ଏବଂ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ଆଗତ ହେବା ନେଇ ଜୋରଦାର ଚର୍ଚ୍ଚା ହେଉଛି। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ (ନାରୀ ଶକ୍ତି ବନ୍ଦନ ଅଧିନିୟମ) ଲାଗୁ କରିବା ପାଇଁ ଏହି ବିଲ୍ ଅଣାଯାଉଛି। ଏଥିରେ ଲୋକସଭାର ସର୍ବାଧିକ ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଆଶଙ୍କା ଦୂର କରିବା ପାଇଁ ବିଲ୍‌ରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ସମସ୍ତ ରାଜ୍ୟର ଲୋକସଭା ଆସନରେ ସମାନ ଭାବେ ୫୦ ପ୍ରତିଶତ ବୃଦ୍ଧି, ରାଜ୍ୟୱାରୀ ଆସନ ଭାଗବଣ୍ଟା ପାଇଁ ୧୯୭୧ ଜନଗଣନା ଆଧାରକୁ ଆଉ ୨୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରଖିବା ଏବଂ ରାଜ୍ୟ ଭିତରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପାଇଁ ୨୦୨୧ ଜନଗଣନା ବ୍ୟବହାର କରିବା ଭଳି ପ୍ରସ୍ତାବ ରହିଛି। ଗତ ଏପ୍ରିଲ ୧୭ ତାରିଖରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ଲୋକସଭାରେ ଦୁଇ-ତୃତୀୟାଂଶ ବହୁମତ (୩୫୨ ଭୋଟ୍) ନପାଇବାରୁ ୨୯୮-୨୩୦ ଭୋଟ୍‌ରେ କାଟ୍ ଖାଇଥିଲା। ତେବେ ଗତ କିଛି ମାସ ମଧ୍ୟରେ ରାଜନୈତିକ ସମୀକରଣ ବଦଳିଛି। ଟିଏମସିରୁ ଅଲଗା ହୋଇଥିବା ୨୦ ଜଣ ସାଂସଦଙ୍କ ଗୋଷ୍ଠୀ, ଶିବସେନା (ଶିନ୍ଦେ ଗୋଷ୍ଠୀ)ରେ ସାମିଲ ହୋଇଥିବା ୬ ଜଣ ସାଂସଦ, ଅକାଳୀ ଦଳ ଏବଂ ୱାଇଏସଆର କଂଗ୍ରେସର ସମର୍ଥନ ମିଳିଲେ ସରକାର ଆବଶ୍ୟକୀୟ ଦୁଇ-ତୃତୀୟାଂଶ ବହୁମତ ହାସଲ କରିପାରିବେ ବୋଲି ଆଶା ରଖିଛନ୍ତି। ଅନ୍ୟପଟେ, ବିରୋଧୀ କଂଗ୍ରେସ ଓ ସିପିଆଇ(ଏମ୍) ସରକାରଙ୍କ ଏହି ପଦକ୍ଷେପକୁ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ, 'ଅପରେସନ୍ ଲୋଟସ୍' ଜରିଆରେ ଅନୈତିକ ଭାବେ ଦୁଇ-ତୃତୀୟାଂଶ ବହୁମତ ଯୋଗାଡ଼ କରି ସରକାର ସମ୍ବିଧାନ ଦିବସରେ ହିଁ ସମ୍ବିଧାନ ଉପରେ ଆକ୍ରମଣ କରିବାକୁ ଯାଉଛନ୍ତି। ଏହି ସ୍ୱତନ୍ତ୍ର ଅଧିବେଶନକୁ ନେଇ ଏବେ ଜାତୀୟ ରାଜନୀତି ବେଶ୍ ସରଗରମ ହୋଇଉଠିଛି।

ଭଦୋଦରା ବାୟୁସେନା ଘାଟି ଉପରେ ଆକ୍ରମଣ ଷଡ଼ଯନ୍ତ୍ର ପଣ୍ଡ



ଗାନ୍ଧୀନଗର / ଭଦୋଦରା, ୨୮/୧୧ : ଗୁଜରାଟରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍। ଭଦୋଦରା ସ୍ଥିତ ଭାରତୀୟ ବାୟୁସେନା ଘାଟି ଉପରେ ଆକ୍ରମଣ କରିବା ପାଇଁ ଯୋଜନା କରୁଥିବା ଅଭିଯୋଗରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦର ଜଣେ ସନ୍ଦିଗ୍ଧ ସଦସ୍ୟକୁ ଏଟିଏସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଆସାମର କରିମଗଞ୍ଜ ଅଞ୍ଚଳର ୨୨ ବର୍ଷୀୟ ମହମ୍ମଦ ସାହାରୁଲ ଇସଲାମ କବିରୁଦ୍ଦିନ ବୋଲି ଚିହ୍ନଟ ହୋଇଛି।

ଗୁଜରାଟ ଏଟିଏସ୍ ଡିଆଇଜି ସୁନୀଲ ଯୋଶୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଅନ୍ୟ ରାଜ୍ୟରୁ ଜୈଶ-ଇ-ମହମ୍ମଦ ସହ ଜଡ଼ିତ ଜଣେ ବ୍ୟକ୍ତି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଗୁଜରାଟରେ ପ୍ରବେଶ କରି ଏକ ସୁରକ୍ଷା ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା। ଅଭିଯୁକ୍ତ ଜଣକ ସୁରକ୍ଷା ଏଜେନ୍ସିର ନଜରରୁ ବର୍ତ୍ତିବା ପାଇଁ ସିଧାସଳଖ ଯାତ୍ରା ନକରି ଏକାଧିକ ଟ୍ରେନ୍ ଓ ବସ୍ ବଦଳାଇ ଆସାମରୁ ଗୁଜରାଟ ଆସିଥିଲା ଏବଂ ନିଜର ନିୟମିତ ମୋବାଇଲ୍ ଫୋନ୍ ବନ୍ଦ କରି ହାଲୋଲ-ଭଦୋଦରା ରୋଡ୍ ସ୍ଥିତ ଏକ ହୋଟେଲରେ ରହିଥିଲା।

ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୨୫% ନୂଆ ଶୁଳ୍କ ପ୍ରସ୍ତାବ

- ବାଣିଜ୍ୟ ଚୁକ୍ତି ହେଲେ ୧୭% କୁ ହ୍ରାସ ପାଇବା ନେଇ ସର୍ତ୍ତ
- ଔଷଧ ଓ ସ୍ମାର୍ଟଫୋନ୍‌କୁ ମିଳିଲା ଆଶ୍ୱସ୍ତି, ଭାରତର କଡ଼ା ପ୍ରତ୍ୟାଖ୍ୟାନ




ୱାଶିଂଟନ୍ / ନୂଆଦିଲ୍ଲୀ, ୨୮/୧୧ : ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ସମ୍ପର୍କରେ ପୁଣି ଥରେ ଉତ୍ତେଜନା ଦେଖାଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ନୂଆ ଶୁଳ୍କ ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଆମେରିକୀୟ ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ପକ୍ଷରୁ 'ସେକ୍ସନ୍ ୩୦୨' ଅଧୀନରେ କରାଯାଇଥିବା ତଦନ୍ତ ପରେ ଏହି ଘୋଷଣା କରାଯାଇଛି। ତେବେ ଯଦି ଭାରତ ଆମେରିକା ସହ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରେ, ତେବେ ଏହି ଶୁଳ୍କ ହାର ୨୫ ପ୍ରତିଶତରୁ ୧୭ ପ୍ରତିଶତକୁ ହ୍ରାସ ପାଇବ ବୋଲି ୱାଶିଂଟନ୍ ପକ୍ଷରୁ ସର୍ତ୍ତ ରଖାଯାଇଛି। ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ୍ ଗ୍ରିୟରଙ୍କ ସୂଚନା ଅନୁଯାୟୀ, ଭାରତର ଶିଳ୍ପ ନୀତି (ଯେପରିକି 'ମେକ୍ ଇନ୍ ଇଣ୍ଡିଆ' ଏବଂ ଚଖଓ ଯୋଜନା), ସରକାରୀ ସବ୍‌ସିଡି ଏବଂ ବଜାର ପ୍ରବେଶ ପ୍ରତିବନ୍ଧକ ଯୋଗୁଁ ବିଶ୍ୱ ବଜାରରେ ଆବଶ୍ୟକତାଠାରୁ ଅଧିକ ଉତ୍ପାଦନ କ୍ଷମତା ସୃଷ୍ଟି ହେଉଛି। ଏହା ଆମେରିକୀୟ କମ୍ପାନୀ ଓ କର୍ମଚାରୀଙ୍କ ସ୍ୱାର୍ଥକୁ କ୍ଷତି ପହଞ୍ଚାଉଛି ବୋଲି ଆମେରିକା ଅଭିଯୋଗ କରିଛି। ଭାରତ ସମେତ ଚୀନ୍, ୟୁରୋପୀୟ ସଂଘ, ଭିଏତନାମ, ବାଂଲାଦେଶ ଓ ଜାପାନ ଭଳି ୧୪ଟି ଅର୍ଥନୀତି ବିରୋଧରେ ଏହି ପଦକ୍ଷେପ ନିଆଯାଇଛି। ଏହି ନୂଆ ପ୍ରସ୍ତାବ ତୁରନ୍ତ ଲାଗୁ ହେବ ନାହିଁ; ଆସନ୍ତା ଜାନୁଆରୀ ୨୦୨୭ରେ ଜନଶୁଣାଣି ଓ ମତାମତ ଗ୍ରହଣ ପରେ ଏହା କାର୍ଯ୍ୟକାରୀ ହେବ। ଏଥିରେ ପୂର୍ବରୁ ଲାଗୁ ହୋଇଥିବା ୧୦ ପ୍ରତିଶତ ଶୁଳ୍କ ଅନ୍ତର୍ଭୁକ୍ତ ରହିବ। ଆମେରିକାକୁ ଭାରତର ସର୍ବାଧିକ ରପ୍ତାନି ହେଉଥିବା ଜେନେରିକ୍ ଔଷଧ ଏବଂ ସ୍ମାର୍ଟଫୋନ୍‌କୁ ଏହି ଅତିରିକ୍ତ ଶୁଳ୍କରୁ ବାଦ୍ ଦିଆଯାଇଛି। ଏହାସହ ଇସ୍ପାତ ଓ ଆଲୁମିନିୟମ୍ ଉପରେ ପୂର୍ବରୁ ଲାଗୁଥିବା 'ସେକ୍ସନ୍ ୨୩୨' ଶୁଳ୍କ ଅପରିବର୍ତ୍ତିତ ରହିବ।

ଆମେରିକାର ଏହି ଅଭିଯୋଗକୁ ଭାରତ ସରକାର ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଭାରତର କୌଣସି ବି ଶିଳ୍ପ କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ଉତ୍ପାଦନ କ୍ଷମତା ନାହିଁ। ଆମେରିକାର ଏହି ନୋଟିସ୍‌ର ସମୀକ୍ଷା କରାଯାଉଛି ଏବଂ ସମସ୍ତ ବାଣିଜ୍ୟିକ ବିବାଦର ସମାଧାନ କେବଳ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଆଲୋଚନା ମାଧ୍ୟମରେ ହେବା ଉଚିତ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଆର୍ଥନୈତିକ ବିଶେଷଜ୍ଞଙ୍କ ମତରେ, ଯଦି ଭାରତ ୧୭ ପ୍ରତିଶତ ଶୁଳ୍କ ସହ ଚୁକ୍ତି କରେ, ତେବେ ଏହା ଏସୀୟ ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ, ଇଣ୍ଡୋନେସିଆ ଓ ଥାଇଲ୍ୟାଣ୍ଡ (୧୮%) ତୁଳନାରେ ଭାରତୀୟ ରପ୍ତାନିକାରୀଙ୍କୁ ସାମାନ୍ୟ ଲାଭ ଦେଇପାରେ।

ତାମିଲନାଡୁ ସରକାରଙ୍କ ଐତିହାସିକ ପଦକ୍ଷେପ

ପୁରୁଷ ସରକାରୀ କର୍ମଚାରୀଙ୍କୁ ମିଳିବ ୧୫ ଦିନିଆ ପିତୃତ୍ୱ ଛୁଟି



ଚେନ୍ନାଇ, ୨୮/୧୧ : ରାଜ୍ୟର ପୁରୁଷ ସରକାରୀ କର୍ମଚାରୀମାନଙ୍କ ପାଇଁ ତାମିଲନାଡୁ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଯୋସେଫ୍ ବିଜୟ ରାଜ୍ୟରେ ପ୍ରଥମ ଥର ପାଇଁ ବିବାହିତ ପୁରୁଷ ସରକାରୀ କର୍ମଚାରୀଙ୍କ ପାଇଁ ୧୫ ଦିନର ସବେତନ ପିତୃତ୍ୱ ଛୁଟି ପ୍ରଚଳନ କରିବାକୁ ଘୋଷଣା କରିଛନ୍ତି। ଗୁରୁବାର ଦିନ ରାଜ୍ୟ ମାନବ ସମ୍ବଳ ପରିଚାଳନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଆନୁଷ୍ଠାନିକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସରକାରୀ ବିଜ୍ଞପ୍ତି ଅନୁଯାୟୀ, ୩ଟିରୁ କମ୍ ଜୀବିତ ସନ୍ତାନ ଥିବା ବିବାହିତ ପୁରୁଷ ସରକାରୀ କର୍ମଚାରୀମାନେ ଏହି ସୁବିଧା ପାଇବାକୁ ଯୋଗ୍ୟ ହେବେ। କର୍ମଚାରୀମାନେ ନିଜ ପତ୍ନୀଙ୍କ ପ୍ରସବ ସମୟରେ କିମ୍ବା ପରବର୍ତ୍ତୀ ସମୟରେ ଏହି ୧୫ ଦିନିଆ ଛୁଟି ନେଇପାରିବେ। ନିୟମ ଅନୁସାରେ, ସମ୍ଭାବ୍ୟ ପ୍ରସବ ତାରିଖର ୧୫ ଦିନ ପୂର୍ବରୁ ଅଥବା ସନ୍ତାନ ଜନ୍ମ ହେବାର ୬ ମାସ ମଧ୍ୟରେ ଏହି ଛୁଟି ଉପଭୋଗ କରାଯାଇପାରିବ। ଏହି ଛୁଟି ଅବଧି ମଧ୍ୟରେ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ଦରମା ପ୍ରଦାନ କରାଯିବ। ଏଥିପାଇଁ ତାମିଲନାଡୁ ମୌଳିକ ନିୟମାବଳୀରେ ଆବଶ୍ୟକୀୟ ସଂଶୋଧନ କରାଯିବ ବୋଲି ସୂଚନା ଦିଆଯାଇଛି।

ବର୍ତ୍ତମାନ ତାମିଲନାଡୁ ସରକାରଙ୍କ ଅଧୀନରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କୁ ୩୬୫ ଦିନ (ଏକ ବର୍ଷ)ର ମାତୃତ୍ୱ ଛୁଟି ପ୍ରଦାନ କରାଯାଉଛି। ମାତୃତ୍ୱ ଏବଂ ଶିଶୁ କଲ୍ୟାଣକୁ ଗୁରୁତ୍ୱ ଦେଇ ସରକାର ଏହି ବ୍ୟବସ୍ଥା କରିଛନ୍ତି। ତେବେ ଶିଶୁର ଲାଳନପାଳନ ଏବଂ ପ୍ରସବ ସମୟରେ ମାଆର ଯତ୍ନ ନେବାରେ ପିତାଙ୍କର ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୀର୍ଘଦିନ ଧରି ବିଭିନ୍ନ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ପିତୃତ୍ୱ ଛୁଟି ପାଇଁ ଦାବି ହୋଇଆସୁଥିଲା। ଏହାକୁ ସହାନୁଭୂତିର ସହ ବିଚାର କରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି, ଯାହାଫଳରେ ନବଜାତ ଶିଶୁର ଯତ୍ନ ନେବା ସହ ପାରିବାରିକ ଦାୟିତ୍ୱ ବାଣ୍ଟିବାରେ ପିତାମାନେ ସକ୍ରିୟ ଅଂଶଗ୍ରହଣ କରିପାରିବେ। ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ କର୍ମଚାରୀ ସଂଘ ଏବଂ ଚିକିତ୍ସା ବିଶେଷଜ୍ଞମାନେ ସ୍ୱାଗତ କରିଛନ୍ତି। ଚେନ୍ନାଇର ବରିଷ୍ଠ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞମାନଙ୍କ ମତରେ, ପ୍ରସବ ପରବର୍ତ୍ତୀ ସମୟରେ ମାଆକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ହେବା ପାଇଁ ସ୍ୱାମୀଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ପ୍ରସବ ପରବର୍ତ୍ତୀ ଅବସାଦ କମିବା ସହ ପିତା ଓ ସନ୍ତାନ ମଧ୍ୟରେ ନିବିଡ଼ ସମ୍ପର୍କ ଗଢ଼ିଉଠେ। ଅନ୍ୟପଟେ, ପରିବାରଠାରୁ ଦୂରରେ ରହି ଚାକିରି କରୁଥିବା ସରକାରୀ କର୍ମଚାରୀମାନଙ୍କ ପାଇଁ ଏହା ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି ବୋଲି ତାମିଲନାଡୁ ସରକାରୀ କର୍ମଚାରୀ ସଂଘ ପକ

“ ଉଠ, ଜାଗ, ଲକ୍ଷ୍ୟ ସ୍ଥଳେ ନ ପହଞ୍ଚିବା ଯାଏଁ ଥମ ନାହିଁ,
ଆତ୍ମବିଶ୍ୱାସ ଓ ସାହସ ଧରି ଆଗକୁ ବଢ଼ିଯାଅ ତୁମେ ରହି ।
ଅସମ୍ଭବ ବୋଲି କିଛି ନାହିଁ ଏ ବିଶାଳ ସଂସାର ଭିତରେ,
କର୍ମ କରିଚାଲ ନିଷ୍ଠାର ସହ, ସଫଳତା ମିଳିବ ନିଶ୍ଚୟରେ । ”

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

ସୀମା ନିର୍ଦ୍ଧାରଣର ନୂଆ ସମୀକରଣ

ସଂସଦର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍‌ର ୫୦ ପ୍ରତିଶତ ଆସନ ବୃଦ୍ଧି ପ୍ରସ୍ତାବ ଭାରତୀୟ ରାଜନୀତିରେ ଏକ ନୂଆ ମୋଡ଼ ଆଣିଛି । ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ବା 'ଡିଲିମିଟେସନ୍' ସର୍ବଦା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇ ରହିଆସିଛି । ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ସଂଶୋଧିତ ସୀମା ନିର୍ଦ୍ଧାରଣ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି । ଏହି ନୂତନ ପ୍ରସ୍ତାବ ଅନୁଯାୟୀ, ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟାରେ ୫୦ ପ୍ରତିଶତ ବୃଦ୍ଧି କରାଯିବା ସହ ଆସନ୍ତା ୨୫ ବର୍ଷ ଅର୍ଥାତ୍ ୨୦୫୧ ମସିହା ପର୍ଯ୍ୟନ୍ତ ଆନ୍ତଃରାଜ୍ୟ ଆସନ ଅନୁପାତକୁ ଅପରିବର୍ତ୍ତିତ ରଖାଯିବ । ଏପ୍ରିଲ ମାସରେ ସଂସଦରେ ଏହି ବିଲ୍ ପାରିତ ହୋଇପାରିନଥିବା ବେଳେ, ବର୍ତ୍ତମାନର ସଂଶୋଧିତ ସୂତ୍ର ଜାତୀୟ ରାଜନୀତିରେ ଅନେକ ସମୀକରଣ ବଦଳାଇ ଦେଇଛି । ଏହି ନୂଆ ଫର୍ମୁଲାର ସବୁଠାରୁ ବଡ଼ ଦିଗ ହେଉଛି ଉତ୍ତର ଓ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ଆଶଙ୍କାକୁ ଦୂର କରିବାର ପ୍ରୟାସ । ପୂର୍ବରୁ ଜନସଂଖ୍ୟା ଭିତ୍ତିରେ ସୀମା ନିର୍ଦ୍ଧାରଣ ହେଲେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସଂସଦୀୟ ପ୍ରତିନିଧିତ୍ୱ କମିଯିବ ବୋଲି ଯେଉଁ ଭୟ ରହିଥିଲା, ସବୁ ରାଜ୍ୟରେ ସମାନୁପାତିକ ଭାବେ ୫୦ ପ୍ରତିଶତ ଆସନ ବୃଦ୍ଧି ପ୍ରସ୍ତାବ ତାହାକୁ ଅନେକାଂଶରେ ପ୍ରଶମିତ କରିଛି । ଏହାର ପ୍ରଭାବରେ ତାମିଲନାଡୁର ଶାସକ ଦଳ ଡିଏମ୍‌କେ ଏବଂ ଶରଦ ପାୱାରଙ୍କ ଏନ୍‌ସିପି (ଏସ୍‌ପି) ଭଳି ଦଳ ଏହି ବିଲ୍‌କୁ ସମର୍ଥନ ଜଣାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ଦଳ ଏହାକୁ ସମ୍ବିଧାନ ପରିବର୍ତ୍ତନର ଏକ ପ୍ରୟାସ ଏବଂ ଏକପାଖିଆ ନିଷ୍ପତ୍ତି ବୋଲି ଅଭିଯୋଗ କରି ବିରୋଧ ଜାରି ରଖିଛି । ଓଡ଼ିଶା ଦୃଷ୍ଟିକୋଣରୁ ଦେଖିଲେ, ଏହି ପ୍ରସ୍ତାବ ରାଜ୍ୟର ରାଜନୈତିକ ମାନଚିତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ । ବର୍ତ୍ତମାନ ଓଡ଼ିଶାରେ ୨୧ଟି ଲୋକସଭା ଏବଂ ୧୪୭ଟି ବିଧାନସଭା ଆସନ ରହିଛି । ୫୦ ପ୍ରତିଶତ ବୃଦ୍ଧି ସୂତ୍ର କାର୍ଯ୍ୟକାରୀ ହେଲେ ରାଜ୍ୟର ଲୋକସଭା ଆସନ ସଂଖ୍ୟା ୩୨କୁ ଏବଂ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୨୧ରୁ ୨୨୪କୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏହାଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶାର ପ୍ରାୟ ୩.୯ ପ୍ରତିଶତ ପ୍ରତିନିଧିତ୍ୱ ସୁରକ୍ଷିତ ରହିପାରିବ । ରାଜ୍ୟର ସ୍ୱାର୍ଥ ଓ ଆନୁପାତିକ ପ୍ରତିନିଧିତ୍ୱ ସୁରକ୍ଷିତ ରହୁଥିବାରୁ ବିଜୁ ଜନତା ଦଳ (ବିଜେଡି) ମଧ୍ୟ ଏହି ବିଲ୍‌କୁ ସମର୍ଥନ କରିବାର ସଙ ଦେଇଛି ।

ଆଞ୍ଚଳିକ ସନ୍ତୁଳନ ଓ ମହିଳା ସଂରକ୍ଷଣର ପଥ

ଏହି ବିଲ୍‌ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନର କାର୍ଯ୍ୟକାରିତା । ୨୦୨୩ ମସିହାରେ ପାରିତ ହୋଇଥିବା ଏହି ଆଇନ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସହ ଯୋଡ଼ି ହୋଇ ରହିଛି । ୨୦୧୧ ଜନଗଣନାକୁ ଆଧାର କରି ସୀମା ନିର୍ଦ୍ଧାରଣ ଶେଷ ହେଲେ ୨୦୨୯ ସାଧାରଣ ନିର୍ବାଚନରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ଲାଗୁ ହେବାର ପଥ ପରିଷ୍କାର ହେବ । ଏହାଦ୍ୱାରା ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳା ଜନପ୍ରତିନିଧିଙ୍କ ସଂଖ୍ୟା ବହୁଗୁଣିତ ହେବ । ତେବେ ଆସନ ସଂଖ୍ୟା ବୃଦ୍ଧି ସହ ପ୍ରଶାସନିକ ଦକ୍ଷତା ଏବଂ ନିର୍ବାଚନ ମଣ୍ଡଳୀର ଭୌଗୋଳିକ ପୁନର୍ଗଠନ ଏକ ବଡ଼ ଆହ୍ୱାନ ହେବ । ଲୋକସଭାର ସର୍ବାଧିକ ଆସନ ୮୫୦ ଏବଂ ବିଧାନସଭାର ସର୍ବାଧିକ ଆସନ ୬୫୦କୁ ବୃଦ୍ଧି ପାଇଲେ, ସଂସଦୀୟ ବିତର୍କ ଏବଂ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବାକୁ ପଡ଼ିବ । ଏହା ସହିତ, ସଂସଦ ଓ ବିଧାନସଭାରେ ଜନପ୍ରତିନିଧିଙ୍କ ସଂଖ୍ୟା ବଢ଼ିଲେ ନିର୍ବାଚନ ପରିଚାଳନା ଖର୍ଚ୍ଚ ଏବଂ ଭିତ୍ତିଭୂମି ବିକାଶ ଉପରେ ମଧ୍ୟ ବଡ଼ ପ୍ରଭାବ ପଡ଼ିବ । ବର୍ଦ୍ଧିତ ସଦସ୍ୟମାନଙ୍କ ପାଇଁ ନୂତନ ବିଧାନସଭା ଗୃହ, କାର୍ଯ୍ୟାଳୟ ଏବଂ ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ରାଜ୍ୟ ସରକାରଙ୍କ ପାଇଁ ଏକ ଆର୍ଥିକ ଓ ପ୍ରଶାସନିକ ପରୀକ୍ଷା ହେବ । ଅନ୍ୟପକ୍ଷରେ, ନିର୍ବାଚନ ମଣ୍ଡଳୀର ଆକାର ଛୋଟ ହେଲେ ବିଧାୟକ ଓ ସାଂସଦମାନେ ସାଧାରଣ ଜନତାଙ୍କ ସହ ସିଧାସଳଖ ଯୋଡ଼ି ହୋଇପାରିବେ ଏବଂ ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ସମ୍ଭବ ହୋଇପାରିବ । ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଆସନର ପୁନଃନିର୍ଦ୍ଧାରଣ ମଧ୍ୟ ଅତ୍ୟନ୍ତ ସମ୍ବେଦନଶୀଳତାର ସହ କରିବାକୁ ହେବ । ସୀମା ନିର୍ଦ୍ଧାରଣ ଆୟୋଗ କିଭଳି ସ୍ୱଚ୍ଛ ଓ ନିରପେକ୍ଷ ଭାବେ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ କରିବେ, ତାହା ଉପରେ ସମସ୍ତଙ୍କ ନଜର ରହିବ । ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ନାଗରିକଙ୍କ ଭୋଟ୍‌ର ସମାନ ମୂଲ୍ୟ ସୁନିଶ୍ଚିତ କରିବା ହିଁ ଏହି ପ୍ରକ୍ରିୟାର ମୂଳ ଲକ୍ଷ୍ୟ ହେବା ଉଚିତ ।

ସମ୍ବିଧାନର ବିବେକ @୭୮

ଭାରତୀୟ ସମ୍ବିଧାନର ଜଣେ ସମ୍ମାନିତ ବିଶ୍ଳେଷକ ଗ୍ରାଣ୍ଭିଲ୍ ଅଷ୍ଟିନ୍ ସମ୍ବିଧାନର ତିନୋଟି ସୂତ୍ରକୁ ଏକ ଅବିଚ୍ଛିନ୍ନ ବାନ୍ଧନ ରୂପେ ଚିହ୍ନଟ କରିଥିଲେ; ସେଗୁଡ଼ିକ ହେଲା—ଗଣତନ୍ତ୍ର ଓ ଅନୁଷ୍ଠାନ, ସାମାଜିକ ବିପ୍ଳବ ଏବଂ ଦେଶର ଏକତା ଓ ଅଖଣ୍ଡତା । ଅଷ୍ଟିନ୍‌ଙ୍କ ମତରେ, ମୌଳିକ ଅଧିକାରକୁ ରୂପ ଦେଉଥିବା ଭାଗ-୩ ଏବଂ ସାମାଜିକ-ଅର୍ଥନୈତିକ ନ୍ୟାୟର ଅନ୍ୱେଷଣ କରୁଥିବା ଭାଗ-୪ ହେଉଛି ସମ୍ବିଧାନର ବିବେକ । ମୌଳିକ ଅଧିକାରଗୁଡ଼ିକ ସାମ୍ବିଧାନିକ ଅଦାଲତରେ କାର୍ଯ୍ୟକାରୀଯୋଗ୍ୟ ହୋଇଥିବା ବେଳେ, ସମ୍ବିଧାନ ପ୍ରଣେତାମାନେ ନିର୍ଦ୍ଦେଶାତ୍ମକ ନୀତିଗୁଡ଼ିକୁ ଅଦାଲତରେ ଅପ୍ରବର୍ତ୍ତନୀୟ କରି ଏକ ପରସ୍ପର ବିରୋଧୀ ବାକ୍ୟ ଲେଖିଥିଲେ ଯେ "ନିର୍ଦ୍ଦେଶାତ୍ମକ ନୀତିଗୁଡ଼ିକ ଦେଶର ଶାସନ ବ୍ୟବସ୍ଥାରେ ମୌଳିକ ।" ଜୀବନ, ସ୍ୱାଧୀନତା ଏବଂ ସମ୍ପତ୍ତିର ତ୍ରିପାଦ ଉପରେ ଦଣ୍ଡାୟମାନ ଆମେରିକୀୟ ସମ୍ବିଧାନର 'ବିଲ୍ ଅଫ୍ ରାଇଟ୍ସ'କୁ ଆନ୍ତରିକ ଭାବେ ଗ୍ରହଣ କରିବା ଚୂଡ଼ାନ୍ତ ସମ୍ବିଧାନର ମୁଖ୍ୟ ଧାରା ପାଲଟିଥିଲା, ଯେତେବେଳେ କି ସମସ୍ତ ନାଗରିକଙ୍କ ପାଇଁ ସାମାଜିକ-ଅର୍ଥନୈତିକ ନ୍ୟାୟ ସ୍ଥାପନର ମହାନ ଲକ୍ଷ୍ୟ କେବଳ ପ୍ରଚାର ଓ ଉପଦେଶର ଦୋଛକିରେ ଫସି ରହିଛି । ଆଇଭର ଜେନିଙ୍ଗସ୍ ଅନୁଭବ କରିଥିଲେ ଯେ "ଭାଗ-୪ର ପୃଷ୍ଠାଗୁଡ଼ିକ ମଧ୍ୟରେ ସିଡନି ୱେବ୍ ଓ ବିଟ୍ରିସ୍ ୱେବ୍ (ଫାବିଆନ୍ ସମାଜବାଦ)ଙ୍କ ଛାୟା ଘୂରି ବୁଲୁଛି ।"

ଦକ୍ଷିଣ ଆଫ୍ରିକାର ବିପରୀତ ଚିତ୍ର

୧୯୯୬ ମସିହାରେ ପ୍ରଣୀତ ଦକ୍ଷିଣ ଆଫ୍ରିକାର ସମ୍ବିଧାନ ଏହାଠାରୁ ଭିନ୍ନ, ଯେଉଁଠାରେ ନାଗରିକ ଓ ରାଜନୈତିକ ଅଧିକାରଗୁଡ଼ିକୁ ସାମାଜିକ ଓ ଅର୍ଥନୈତିକ ଅଧିକାର ସହିତ ମିଶ୍ରଣ କରାଯାଇଛି, ଯାହା ଏହାକୁ ଅନ୍ୟତମ ପ୍ରଗତିଶୀଳ ସମ୍ବିଧାନରେ ପରିଣତ କରିଛି । ଦୁର୍ଭିକ୍ଷ ସମୟରେ ଗଣତନ୍ତ୍ର ଓ ସ୍ୱାଧୀନତା କିପରି ମୃତ୍ୟୁକୁ ରୋକିପାରେ, ସେ ସମ୍ପର୍କରେ ଅମର୍ତ୍ୟ ସେନ୍‌ଙ୍କ ମୌଳିକ ନିଷ୍କର୍ଷରୁ ପ୍ରେରଣା ନେଇ ସେମାନେ ଉଭୟ ସାମାଜିକ-ଅର୍ଥନୈତିକ ଅଧିକାର ଏବଂ ସାମାଜିକ-ରାଜନୈତିକ ଅଧିକାରଗୁଡ଼ିକୁ ନ୍ୟାୟିକ ବିଚାରଯୋଗ୍ୟ କରିଛନ୍ତି । ଏହାଛଡ଼ା, ସେମାନେ ବ୍ୟକ୍ତିବାଦୀ ଅଥବା ସମାଜବାଦୀ ଚରମପନ୍ଥାକୁ ପରିହାର କରି ମର୍ଯ୍ୟାଦାବାଦୀ ଆଭିମୁଖ୍ୟ ଆପଣାଇଛନ୍ତି; ଏକ ଏପରି ଆଭିମୁଖ୍ୟ ଯାହା ପ୍ରତ୍ୟେକ ନାଗରିକଙ୍କୁ 'ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଏ, ଯେଉଁଠାରେ ନ୍ୟାୟପାଳିକା ରାଷ୍ଟ୍ରର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ପାଇଁ ଏକ ଯୁକ୍ତିଯୁକ୍ତ ମାନଦଣ୍ଡ ପଦ୍ଧତି ଅବଲମ୍ବନ କରେ । ଧାରା ୨୬ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପର୍ଯ୍ୟାପ୍ତ ବାସଗୃହ ସୁବିଧା ପାଇବାର ଅଧିକାର ପ୍ରଦାନ କରେ, ଯାହା ପାଇଁ ରାଷ୍ଟ୍ର ଏହି ଅଧିକାରକୁ କ୍ରମଶଃ ସାକାର କରିବାକୁ ଯୁକ୍ତିଯୁକ୍ତ ପଦକ୍ଷେପ ନେବା ବାଧ୍ୟତାମୂଳକ । ଅଦାଲତଙ୍କ ଆଦେଶ ବିନା କାହାକୁ ବି ଘରୁ ଉଚ୍ଛେଦ କରାଯାଇପାରିବ ନାହିଁ । ଧାରା ୨୬ ପ୍ରଜନନ ସ୍ୱାସ୍ଥ୍ୟସେବା ସମେତ ସ୍ୱାସ୍ଥ୍ୟସେବା ପାଇବାର ଅଧିକାର ପ୍ରଦାନ କରେ । ଧାରା ୨୮ ପିଲାମାନଙ୍କୁ ମୌଳିକ ପୁଷ୍ଟି, ଆଶ୍ରୟ, ସ୍ୱାସ୍ଥ୍ୟସେବା ଓ ସାମାଜିକ ସେବାର ଅଧିକାର ନିଶ୍ଚିତ କରେ । ଶୋଷଣମୂଳକ ଶ୍ରମ ପ୍ରଥାଠାରୁ ସୁରକ୍ଷିତ ରହିବାର ଅଧିକାର ପିଲାମାନଙ୍କର ରହିଛି । ଧାରା ୨୯ ପ୍ରତ୍ୟେକଙ୍କୁ ବୟସ୍କ ମୌଳିକ ଶିକ୍ଷା ସମେତ ମୌଳିକ ଶିକ୍ଷାର ନିଶ୍ଚିତତା ଦିଏ । ପରବର୍ତ୍ତୀ ଉଚ୍ଚଶିକ୍ଷା ପାଇଁ ମଧ୍ୟ ରାଷ୍ଟ୍ର ସୁଗମତା ଓ ଉପଲବ୍ଧତା ସୁନିଶ୍ଚିତ କରିବା ଉଚିତ ।

ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା

ଏହି ଅଧିକାରଗୁଡ଼ିକୁ ସୁରକ୍ଷା ଦେବାରେ ଦକ୍ଷିଣ ଆଫ୍ରିକାର ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି । ମିନିଷ୍ଟର ଅଫ୍ ହେଲ୍ଥ ଭର୍ସେସ୍ ଟ୍ରିଟମେଣ୍ଟ ଆକ୍ସନ କ୍ୟାମ୍ପେନ୍ (୨୦୦୨) ମାମଲାରେ, ଅଦାଲତ ରାୟ ଦେଇଥିଲେ ଯେ ଏଣ୍ଟି-ରେଟ୍ରୋଭାଇରାଲ୍ ଔଷଧ 'ନେଭିରାପାଇନ୍'ର ଉପଲବ୍ଧତାକୁ ସୀମିତ ରଖିବା ପାଇଁ ସରକାରଙ୍କ ନୀତି ଅଯୁକ୍ତିଯୁକ୍ତ ଏବଂ ସ୍ୱାସ୍ଥ୍ୟର ଅଧିକାର ବିରୋଧୀ । ସାଉଥ ଆଫ୍ରିକା ଭର୍ସେସ୍ ଗ୍ରୁପ୍‌ଟବୁମ୍ ମାମଲାରେ ଅଦାଲତ କହିଥିଲେ ଯେ ଅଭାବଗ୍ରସ୍ତ ଲୋକଙ୍କୁ, ବିଶେଷ କରି ପିଲାମାନଙ୍କ ଭଳି ସମ୍ବେଦନଶୀଳ ଗୋଷ୍ଠୀକୁ ବାସଗୃହ ଯୋଗାଇବା ସରକାରଙ୍କ କର୍ତ୍ତବ୍ୟ । ଥୁବାକଗାଲେ ଭର୍ସେସ୍ ମେଟ୍ରୋପଲିଟାନ୍ ମ୍ୟୁନିସିପାଲିଟି (୨୦୨୧) ମାମଲାରେ, ବାସଗୃହ ଯୋଗାଇବାରେ ମ୍ୟୁନିସିପାଲିଟିର ବିଫଳତାକୁ ଅଦାଲତ ଅସାମ୍ବିଧାନିକ ଘୋଷଣା କରିଥିଲେ । ଗ୍ରୁଟବୁମ୍ ମାମଲା (୨୦୦୦) ବିଶେଷ ଭାବରେ ଆକର୍ଷଣୀୟ କାରଣ ଆଇରିନ୍ ଗ୍ରୁଟବୁମ୍ ଏବଂ ୫୧୦ ଜଣ ପିଲାଙ୍କ ସମେତ ୯୦୦ ଲୋକଙ୍କୁ ନେଇ ଗଠିତ ଏକ ଗୋଷ୍ଠୀ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହି ପର୍ଯ୍ୟାପ୍ତ ବାସଗୃହ ଅଧିକାର କାର୍ଯ୍ୟକାରୀ କରିବା ପାଇଁ ଆବେଦନ କରିଥିଲେ । ଯୁକ୍ତିଯୁକ୍ତ ମାନଦଣ୍ଡ ପଦ୍ଧତି ବ୍ୟବହାର କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ରାଷ୍ଟ୍ରର ବାସଗୃହ ଯୋଜନା ସାମ୍ବିଧାନିକ ନିଶ୍ଚିତତା ପୂରଣ କରିବାରେ ବିଫଳ ହୋଇଛି । ସମସ୍ତ ନାଗରିକଙ୍କୁ ଆଶ୍ରୟ ଯୋଗାଇବା ପାଇଁ ସ୍ୱଳ୍ପକାଳୀନ, ମଧ୍ୟମକାଳୀନ ଏବଂ ଦୀର୍ଘକାଳୀନ ଭିତ୍ତିରେ ଯୁକ୍ତିଯୁକ୍ତ ପଦକ୍ଷେପ ନେବାକୁ ଅଦାଲତ ରାଷ୍ଟ୍ରକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲା ଯୋଗୁଁ ଅବହେଳିତ ସମ୍ପ୍ରଦାୟଗୁଡ଼ିକ ପାଇଁ ବାସଗୃହ ସୁବିଧା ବୃଦ୍ଧି ପାଇଛି, ୨.୮ ନିୟୁତରୁ ଅଧିକ ଘର ନିର୍ମିତ ହୋଇଛି ଏବଂ ୧୩.୫ ନିୟୁତରୁ ଅଧିକ ଲୋକଙ୍କୁ ଆଶ୍ରୟ ମିଳିଛି ।



ସତ୍ୟ ନାରାୟଣ ମିଶ୍ର
ପ୍ରଫେସର ଏମିରିଟ୍‌ସ ଏବଂ ନିୟମିତ ସ୍ତମ୍ଭକାର

ଭାରତୀୟ ସ୍ଥିତି

ସମ୍ବିଧାନ ଭାଗ-୪କୁ ଅଦାଲତରେ ଅପ୍ରବର୍ତ୍ତନୀୟ କରିଥିବା ବେଳେ, ଧାରା ୨୧କୁ କେବଳ "ଜୀବନର ସୁରକ୍ଷା" ଭାବେ ନୁହେଁ ବରଂ "ମର୍ଯ୍ୟାଦାପୂର୍ଣ୍ଣ ଭାବେ ବଞ୍ଚିବାର ଅଧିକାର" ଭାବେ ବ୍ୟାଖ୍ୟା କରି ଏହି 'ଲକ୍ଷ୍ୟ'ଗୁଡ଼ିକୁ ସାକାର କରିବା ପାଇଁ ରାଷ୍ଟ୍ରକୁ ବାଧ୍ୟ କରିବାରେ ସର୍ବୋଚ୍ଚ ନ୍ୟାୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏହାଦ୍ୱାରା ଶିକ୍ଷାର ଅଧିକାର, ଜୀବିକାର ଅଧିକାର ଏବଂ ନିର୍ଦ୍ଦେଶାତ୍ମକ ନୀତିର ଧାରା ୪୮ (କ)ରେ ଥିବା ସ୍ୱଚ୍ଛ ପରିବେଶର ଅଧିକାର ଭଳି ଦ୍ୱିତୀୟ ପିଢ଼ିର ଅଧିକାରଗୁଡ଼ିକ ଧାରା ୨୧ର ଅଂଶ ଭାବେ ସ୍ଥାନ ପାଇଛି । ଉନ୍ନିକୃଷ୍ଣନ୍ ମାମଲା (୧୯୯୩)ରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଶିକ୍ଷାର ଅଧିକାର ଜୀବନର ଅଧିକାରର ଏକ ଅଂଶ । ୨୦୦୨ ମସିହାରେ ଏକ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସରକାର ୬ରୁ ୧୪ ବର୍ଷ ବୟସର ପିଲାଙ୍କ ଶିକ୍ଷା ପାଇଁ ଧାରା ୨୧(କ)କୁ ଏକ ମୌଳିକ ଅଧିକାର ଭାବେ ପ୍ରଣୟନ କରିଥିଲେ । ଓଲଗା ଟେଲିସ୍ ମାମଲା (୧୯୮୫)ରେ, ଯେତେବେଳେ ବସ୍ତିବାସିନ୍ଦାଙ୍କୁ ବିଏମ୍‌ସି (ବମ୍ବେ ମ୍ୟୁନିସିପାଲ କର୍ପୋରେସନ) ଦ୍ୱାରା ଉଚ୍ଛେଦ କରାଯାଉଥିଲା, ସେତେବେଳେ ସର୍ବୋଚ୍ଚ ନ୍ୟାୟାଳୟ ମତ ଦେଇଥିଲେ ଯେ, ବସ୍ତିବାସିନ୍ଦାଙ୍କ ଜୀବିକାର ଅଧିକାର ସେମାନଙ୍କ ଜୀବନର ଅଧିକାରର ଅଂଶ ଏବଂ ଉଚ୍ଛେଦକୁ ରୋକିଥିଲେ । ଆଶ୍ରୟର ଅଧିକାର ମଧ୍ୟ ବଞ୍ଚିବାର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଅଦାଲତ କହିଥିଲେ । ତଥାପି, ସେମାନଙ୍କ ଉଚ୍ଛେଦର ସର୍ତ୍ତ ଭାବେ ଘର ଯୋଗାଇବାକୁ ଅଦାଲତ ବାଧ୍ୟତାମୂଳକ କରି ନଥିଲେ । ତଥାପି, ଅବହେଳିତ ବର୍ଗଙ୍କୁ ସୁଲଭ ବାସଗୃହ ଯୋଗାଇବା ପାଇଁ ରାଷ୍ଟ୍ର ନିଜର ଦାୟିତ୍ୱକୁ ସ୍ୱୀକାର କରିବା ସହ ଏହି ମାମଲା ଭାରତର ବାସଗୃହ ଅଧିକାର ଆଭିମୁଖ୍ୟକୁ ଗଢ଼ିବାରେ ସହାୟକ ହୋଇଛି ।

ସାମାଜିକ-ଅର୍ଥନୈତିକ ନ୍ୟାୟର ବାସ୍ତବାୟନ

ଭାରତରେ ବାସଗୃହ ସମସ୍ୟା ପ୍ରକୃତରେ ଅତ୍ୟନ୍ତ ବିରାଟ । ଏନ୍‌ଏଫ୍‌ଏଚ୍‌ଏସ୍-୫ ସର୍ଭେ ଅନୁଯାୟୀ ୪୧.୩୭% ଲୋକ ବାସଗୃହରୁ ବଞ୍ଚିତ ଏବଂ ୪୫% ଲୋକ କଞ୍ଚା ଘରେ ରହୁଛନ୍ତି । ୟୁଏନ୍ ହାବିଟାଟ୍ ରିପୋର୍ଟ ଅନୁଯାୟୀ, ୨୩.୬ ନିୟୁତ ଲୋକ ବସ୍ତିରେ ରହୁଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୬୬%ଙ୍କ ପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ ଏବଂ ୪୧%ଙ୍କ ପାଖରେ ଉପଯୁକ୍ତ ଶୌଚାଳୟ ନାହିଁ । ସହରଗୁଡ଼ିକରେ ୧୮.୭୮ ନିୟୁତ ବାସଗୃହ ୟୁନିଟ୍‌ର ଅଭାବ ରହିଛି, ଯାହା ପରିବାରଗୁଡ଼ିକୁ ବସ୍ତିରେ ରହିବାକୁ ବାଧ କରୁଛି । ସମସ୍ତଙ୍କୁ ସୁଲଭ ବାସଗୃହ ଯୋଗାଇବା ଲକ୍ଷ୍ୟ ରଖିଥିବା ପିଏମ୍‌ଏୱାଇ ଭଳି ସରକାରୀ କାର୍ଯ୍ୟକ୍ରମ ସତ୍ତ୍ୱେ ଏହି ସ୍ଥିତି ରହିଛି । ଦକ୍ଷିଣ ଆଫ୍ରିକା ସମ୍ବିଧାନ ଭଳି ଭାରତରେ ମଧ୍ୟ ପର୍ଯ୍ୟାପ୍ତ ବାସଗୃହର ଅଧିକାରକୁ ମୌଳିକ ଅଧିକାର କରାଗଲେ ତାହା ଅତ୍ୟନ୍ତ ଯୁକ୍ତିଯୁକ୍ତ ହେବ । ଯେତେବେଳେ ୬ରୁ ୧୪ ବର୍ଷ ବୟସର ଶିକ୍ଷା ଅଧିକାରକୁ ମୌଳିକ ଅଧିକାର କରାଗଲା, ସେତେବେଳେ ଅସ୍ପଷ୍ଟ କାରଣରୁ ୩ରୁ ୬ ବର୍ଷ ବୟସର ପ୍ରାରମ୍ଭିକ ବାଲ୍ୟକାଳ ଶିକ୍ଷାକୁ ଧାରା ୪୫ ଅଧୀନରେ ଏକ ନିର୍ଦ୍ଦେଶାତ୍ମକ ନୀତି ଭାବେ ରଖାଗଲା । ଏହି ଅସଙ୍ଗତିକୁ ଏବେ ସଂଶୋଧନ କରିବାର ଆବଶ୍ୟକତା ରହିଛି । ଏନ୍‌ଇପି-୨୦୨୦ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ୪ରୁ ୬ ବର୍ଷ ବୟସର ପିଲାମାନଙ୍କ ଶିକ୍ଷାର ଶୋଚନୀୟ ସ୍ଥିତିକୁ ଲକ୍ଷ୍ୟ କରିଛି, ଯେଉଁଠାରେ ପ୍ରାୟ ୪୫ ନିୟୁତ ପିଲା (୩–୬ ବର୍ଷ) ପର୍ଯ୍ୟାପ୍ତ ତାଲିମ ଓ ଶିକ୍ଷାର ଅଭାବ ଥିବା ଅଙ୍ଗନବାଡ଼ି କର୍ମୀଙ୍କଠାରୁ ଅନୌପଚାରିକ ଶିକ୍ଷା ପାଉଛନ୍ତି । ଆଦର୍ଶତଃ, ଏହି ପିଲାମାନେ ସରକାରୀ ବିଦ୍ୟାଳୟର ଅଂଶ ହେବା ଉଚିତ ଏବଂ ଛଅ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ଭଳି ସେମାନଙ୍କର ମଧ୍ୟ ମୌଳିକ ଅଧିକାର ରହିବା ଉଚିତ ।

ସମ୍ବିଧାନର ବିବେକ

ନାଗରିକ ଓ ରାଜନୈତିକ ଅଧିକାରଗୁଡ଼ିକୁ ସାମାଜିକ-ଅର୍ଥନୈତିକ ଅଧିକାର ସହିତ ମିଶ୍ରଣ କରିବାର ଏହା ଉପଯୁକ୍ତ ସମୟ । ଜୀବନର ଅଧିକାର

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ମାର୍ଗଶୀର ଗୁରୁବାର

ଘରେ ଘରେ ମାଣବସା ଲକ୍ଷ୍ମୀ ପୂଜାର ଆଧ୍ୟାତ୍ମିକ ପରିବେଶ

ଆରମ୍ଭ ହୋଇଛି ଓଡ଼ିଆ ସଂସ୍କୃତି ଓ କୃଷି ପରମ୍ପରାର ଅନ୍ୟତମ ପବିତ୍ର ପର୍ବ 'ମାର୍ଗଶୀର ଗୁରୁବାର' ବା ମାଣବସା ଲକ୍ଷ୍ମୀ ପୂଜା। ଧନ, ଐଶ୍ୱର୍ଯ୍ୟ ଓ ଅନ୍ନର ଅଧିଷ୍ଠାତ୍ରୀ ଦେବୀ ମା' ମହାଲକ୍ଷ୍ମୀଙ୍କ ଆରାଧନା ପାଇଁ ସାରା ରାଜ୍ୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ, ପ୍ରତିଟି ଓଡ଼ିଆ ଘରର ଅଗଣା ଏବେ ଅରୁଆ ଚାଉଳ ପିଠଉର ଝୋଟି ଓ ଚିତାରେ ଝଲସି ଉଠୁଛି। ନୂଆ ଅମଳ ଧାନ ଭର୍ତ୍ତି 'ମାଣ' ବସାଇ ମହିଳାମାନେ ମଣ୍ଡା ଓ ଏଣ୍ଡୁରି ପିଠାର ଭୋଗ ଅର୍ପଣ କରିବା ସହ ଲକ୍ଷ୍ମୀ ପୁରାଣ ପାଠ କରୁଛନ୍ତି। ସ୍ୱଚ୍ଛତା, ଶୃଙ୍ଖଳା ଓ ନାରୀ ସମ୍ମାନର ବାର୍ତ୍ତା ବହନ କରୁଥିବା ଏହି ପର୍ବରେ ଘରେ ଘରେ ସୁଖସମୃଦ୍ଧି କାମନା କରାଯାଉଛି।



- ଧନଧାନ୍ୟ ଓ ସୁଖସମୃଦ୍ଧି କାମନାରେ ମହିଳାଙ୍କ ବ୍ରତ ପାଳନ
- ଶୁକ୍ଳପକ୍ଷ ଓ କୃଷ୍ଣପକ୍ଷର ଗୁରୁବାରରେ ମା' ମହାଲକ୍ଷ୍ମୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା
- ପିଠାପଣାର ମହକରେ ଉତ୍ସବମୁଖର ପୁରପଲ୍ଲୀରୁ ସହର
- ଝୋଟି-ଚିତାରେ ଝଲସୁଛି ଓଡ଼ିଆ ଘରର ଅଗଣା

ଲକ୍ଷ୍ମୀଙ୍କ ନିକଟରେ ସମର୍ପଣ କରି କୃଷକ ପରିବାର ବର୍ଷସାରା ଅନ୍ନ ଓ ଧନର ଅଭାବ ନହେବା ପାଇଁ ପ୍ରାର୍ଥନା କରିଥାନ୍ତି। ଏହି ପର୍ବ ଘରେ ସୁଖ, ଶାନ୍ତି ଓ ସକାରାତ୍ମକ ଶକ୍ତି ବଜାୟ ରଖିବା ସହ ପରିବାର ମଧ୍ୟରେ ଏକତାକୁ ସୁଦୃଢ଼ କରିଥାଏ। ମାର୍ଗଶୀର ମାସରେ ଚାଷୀଙ୍କ କ୍ଷେତରୁ ନୂଆ ଧାନ ଅମଳ ହୋଇ ଘରକୁ ଆସିଥାଏ। ଅନ୍ନ ହିଁ ବ୍ରହ୍ମ ଏବଂ ଧାନ ହିଁ ଲକ୍ଷ୍ମୀ। ତେଣୁ ନୂଆ ଧାନକୁ 'ମାଣ'ରେ ଭର୍ତ୍ତି କରି ତାହାକୁ ମା' ଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ପୂଜା କରାଯାଏ।ଏହି ପୂଜାରେ ଅରୁଆ ଚାଉଳ ବଟାରେ (ପିଠଉ) ଘରର ଅଗଣା ଓ କାନ୍ଥରେ ପଦ୍ମଫୁଲ, ଧାନକେଣ୍ଡା, ଶଙ୍ଖ, ଚକ୍ର ଏବଂ ମା'ଙ୍କ ପାଦଚିହ୍ନ ଆଦି ଝୋଟି ପକାଯାଏ, ଯାହା ଓଡ଼ିଆ ଲୋକକଳାର ଏକ ନିଆରା ନିଦର୍ଶନ।ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ଏହି ପୂଜାର ଆତ୍ମା। ଏହା ସମାଜରୁ ଛୁଆଁ-ଅଛୁଆଁ ଭେଦଭାବ ଦୂର କରିବା ସହ ନାରୀ ସଶକ୍ତିକରଣ ଏବଂ ଘରର ସ୍ୱଚ୍ଛତା ଓ ଶୃଙ୍ଖଳାର ଶିକ୍ଷା ଦିଏ।ଏହି ପୂଜାରେ ବାହାରର ମିଠା ବଦଳରେ ଘରେ ତିଆରି ଶୁଦ୍ଧ ପିଠାପଣା ଯଥା- ମଣ୍ଡା ପିଠା, ଏଣ୍ଡୁରି, କାକରା ଓ ଖିରି ଭୋଗ ଲଗାଯାଏ।



ଆରମ୍ଭ ହୋଇଛି ଓଡ଼ିଆ ସଂସ୍କୃତି ଓ କୃଷି ପରମ୍ପରାର ଅନ୍ୟତମ ପବିତ୍ର ପର୍ବ 'ମାର୍ଗଶୀର ମାସର ଗୁରୁବାର' ବା ମାଣବସା ଲକ୍ଷ୍ମୀ ପୂଜା। ଧନ, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ଅଧିଷ୍ଠାତ୍ରୀ ଦେବୀ ମା' ମହାଲକ୍ଷ୍ମୀଙ୍କ ଆରାଧନା ପାଇଁ ସାରା ରାଜ୍ୟରେ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ପ୍ରତିଟି ଓଡ଼ିଆ ଘରର ଦୁଆର ମୁହଁ ଏବେ ଅରୁଆ ଚାଉଳ ପିଠଉର ଝୋଟି ଓ ଚିତାରେ ଝଲସି ଉଠୁଛି।

ପୂଜା ବିଧି ଓ ପରମ୍ପରା :

ହିନ୍ଦୁ ପଞ୍ଚାଙ୍ଗ ଅନୁଯାୟୀ ମାର୍ଗଶୀର ମାସକୁ ସବୁଠାରୁ ପବିତ୍ର ମାସ ଭାବେ ବିବେଚନା କରାଯାଏ। ଏହି ମାସର ପ୍ରତି ଗୁରୁବାର ଦିନ ଘରର ମହିଳାମାନେ ବ୍ରତ ରଖି ମା' ଲକ୍ଷ୍ମୀଙ୍କୁ ଆବାହନ କରିଥାନ୍ତି। ବଡ଼ି ଭୋରରୁ ଘରଦ୍ୱାର ଲିପାପୋଛା କରି ଅଗଣାରେ ପଦ୍ମଫୁଲ, ଶଙ୍ଖ, ଚକ୍ର ଓ ଲକ୍ଷ୍ମୀ ପାଦର ଝୋଟି ପକାଯାଇଥାଏ। ଏହାପରେ ପୂଜା ଘରେ ଖଟୁଲି ଉପରେ ନୂଆ ଧାନ ଭର୍ତ୍ତି 'ମାଣ' ବସାଯାଇ ତାହାକୁ ନାଲି ଶାଢ଼ୀ, ଫୁଲ ଓ ଅଳଙ୍କାରରେ ସଜାଯାଏ।

ପିଠାପଣାର ମହକ ଓ ଲକ୍ଷ୍ମୀ ପୁରାଣ ପାଠ :

ମାଣବସା ଗୁରୁବାରର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ବିଭିନ୍ନ ପ୍ରକାରର ପାରମ୍ପରିକ ପିଠାପଣା ଓ ଭୋଗ। ମା'ଙ୍କ ନିକଟରେ ମଣ୍ଡା ପିଠା, ଏଣ୍ଡୁରି ପିଠା, କାକରା, ଖିରି ଓ ଖେରୁଡ଼ି ଆଦି ନୈବେଦ୍ୟ ଅର୍ପଣ କରାଯାଏ। ପୂଜା ଶେଷରେ ଘରର ମହିଳାମାନେ ଏକାଠି ବସି ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ପାଠ ଓ ଶ୍ରବଣ କରିଥାନ୍ତି। ଏହି ପୁରାଣ ମାଧ୍ୟମରେ ସ୍ୱଚ୍ଛତା, ଶୃଙ୍ଖଳା ଓ ନାରୀ ସମ୍ମାନର ବାର୍ତ୍ତା ପ୍ରଚାରିତ ହୋଇଥାଏ।

ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ :

କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ମାଣବସା ଗୁରୁବାର କୃଷିଭିତ୍ତିକ ଓଡ଼ିଆ ସମାଜର ଏକ ପ୍ରମୁଖ ଉତ୍ସବ। ନୂଆ ଅମଳ ହୋଇଥିବା ଧାନକୁ ପ୍ରଥମେ ମା' ଲକ୍ଷ୍ମୀଙ୍କ ନିକଟରେ ସମର୍ପଣ କରି କୃଷକ ପରିବାର ବର୍ଷସାରା ଅନ୍ନ ଓ ଧନର ଅଭାବ ନହେବା ପାଇଁ ପ୍ରାର୍ଥନା କରିଥାନ୍ତି। ଏହି ପର୍ବ ଘରେ ସୁଖ, ଶାନ୍ତି ଓ ସକାରାତ୍ମକ ଶକ୍ତି ବଜାୟ ରଖିବା ସହ ପରିବାର ମଧ୍ୟରେ ଏକତାକୁ ସୁଦୃଢ଼ କରିଥାଏ।

କାହିଁକି ମା' ଲକ୍ଷ୍ମୀଙ୍କୁ ସ୍ୱତନ୍ତ୍ର ପୂଜା କରାଯାଏ ?

ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ, "ମାସାନାଂ ମାର୍ଗଶୀର୍ଷୋଽହମ୍" ଅର୍ଥାତ୍ ମାସମାନଙ୍କ ମଧ୍ୟରେ ମୁଁ ମାର୍ଗଶୀର। ଏହି ମାସଟି ମା' ଲକ୍ଷ୍ମୀଙ୍କର ଅତି ପ୍ରିୟ ହୋଇଥିବାରୁ ଏହି ସମୟରେ ତାଙ୍କର ସ୍ୱତନ୍ତ୍ର ଆରାଧନା କରାଯାଏ। ମା' ଲକ୍ଷ୍ମୀ କେବଳ ଟଙ୍କା-ପଇସାର ଦେବୀ ନୁହନ୍ତି, ସେ ଅନ୍ନ, ଜ୍ଞାନ, ଶାନ୍ତି ଓ ସୌଭାଗ୍ୟର ଦେବୀ। ଘରେ ଯେପରି ଅନ୍ନ ଓ ଧନର କେବେ ଅଭାବ ନହୁଏ, ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ପୂଜା କରାଯାଏ। ଲକ୍ଷ୍ମୀ ପୁରାଣ ଅନୁଯାୟୀ, ଯେଉଁ ଘରେ ପରିଷ୍କାର ପରିଚ୍ଛନ୍ନତା, ଶାନ୍ତି ଏବଂ ଅତିଥି ସତ୍କାର ଥାଏ, ସେଠାରେ ମା' ଲକ୍ଷ୍ମୀ ବାସ କରନ୍ତି। ଘରକୁ ସକାରାତ୍ମକ ଶକ୍ତିରେ ଭରିଦେବା ପାଇଁ ଏହି ସ୍ୱତନ୍ତ୍ର ପୂଜା କରାଯାଏ। ଘରର ଗୃହିଣୀଙ୍କୁ 'ଗୃହଲକ୍ଷ୍ମୀ' କୁହାଯାଏ। ଏହି ପୂଜା ମାଧ୍ୟମରେ ପରିବାରରେ ମହିଳାମାନଙ୍କର ଗୁରୁତ୍ୱ ଓ ସମ୍ମାନକୁ ପ୍ରତିଷ୍ଠା କରାଯାଇଥାଏ।



୫୬ ଦିନର ଆନ୍ଦୋଳନ, ୨୩ ଦିନର ଅନଶନ ବିଫଳ

ଶେଷରେ ୩୩ କେଭି ବିଦ୍ୟୁତ୍ ଟାୱାର ଉପରେ ଠିକା କର୍ମଚାରୀ

ଖୋର୍ଦ୍ଧା, ୨୮/୧୧(ଜେଏନ୍ଏସ୍) : ଦାବି ପୂରଣ ପାଇଁ ରାଜରାସ୍ତାରେ ଆନ୍ଦୋଳନ, ଗାନ୍ଧୀମାର୍ଗରେ ଆମରଣ ଅନଶନ। ଦୀର୍ଘ ୫୬ ଦିନ ଧରି ଲଢ଼େଇ ଏବଂ ୨୩ ଦିନର ଧାରଣା ପରେ ମଧ୍ୟ ମିଳିଲାନି ସମାଧାନ। ଶେଷରେ ନିଜ ଦାବି ଜଣାଇବାକୁ ଅତ୍ୟନ୍ତ ବିପଜ୍ଜନକ ପଦକ୍ଷେପ ନେଇଛନ୍ତି ଟାଟା ପାୱାରର ଠିକା କର୍ମଚାରୀ। ଭୁବନେଶ୍ୱର, ଖୋରଧା ଓ ପିପିଲି ଅଞ୍ଚଳରେ ୩୩ କେଭି ବିଦ୍ୟୁତ୍ ଟାୱାର ଉପରେ ଚଢ଼ି ପ୍ରତିବାଦ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



ସୂଚନା ଅନୁଯାୟୀ, ବିଭିନ୍ନ ନ୍ୟାଯ୍ୟ ଦାବି ଓ ନ୍ୟାୟ ପ୍ରଦାନ ଦାବିରେ ଠିକା କର୍ମଚାରୀମାନେ ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ଭୁବନେଶ୍ୱର ଲୋୟର ପିଏମ୍ଜିରେ ୨୩ ଦିନ ଧରି ଧାରଣା ସହ ଆମରଣ ଅନଶନ ଜାରି ରହିଛି। ହେଲେ ଆନ୍ଦୋଳନର ଦୀର୍ଘ ଅବଧି ପରେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏହାର ପ୍ରତିଫଳନ ଏବେ ବିଦ୍ୟୁତ୍ ଟାୱାର ଉପରେ ଦେଖିବାକୁ ମିଳିଛି। ଉଚ୍ଚକ୍ଷମତା ସମ୍ପନ୍ନ ୩୩ କେଭି ଟାୱାର ଉପରେ କର୍ମଚାରୀଙ୍କ ଚଢ଼ିବା ଘଟଣା କେବଳ ଆନ୍ଦୋଳନର ତୀବ୍ରତାକୁ ଦର୍ଶାଉନାହିଁ, ବରଂ ସେମାନଙ୍କ ଜୀବନକୁ ମଧ୍ୟ ବିପଦରେ ପକାଇଛି। ଏହାକୁ ନେଇ ପରିବାରବର୍ଗ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଆଶଙ୍କା ପ୍ରକାଶ ପାଇଛି। ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ପ୍ରଥମେ ଟାୱାର ଉପରେ ଥିବା ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଜରୁରୀ ହୋଇପଡ଼ିଛି। ଏଥିସହ ଟାଟା ପାୱାର କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଆଲୋଚନା ମାଧ୍ୟମରେ ଦୀର୍ଘଦିନର ସମସ୍ୟାର ସମାଧାନ କରନ୍ତୁ ବୋଲି ଦାବି ହେଉଛି। ନଚେତ୍ ଏହି ଆନ୍ଦୋଳନ ଆଗକୁ ଆହୁରି ଗମ୍ଭୀର ରୂପ ନେବାର ଆଶଙ୍କା ରହିଛି।

ନୟାଗଡ଼ ରେଳ ଷ୍ଟେସନରେ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍

ଖୋର୍ଦ୍ଧା, ୨୫/୧୧(ଜେଏନ୍ଏସ୍) : ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ନୟାଗଡ଼ ଟାଉନ୍ ରେଳ ଷ୍ଟେସନଠାରେ ଏକ ବ୍ୟାପକ ମିଳିତ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ରେଳ ଦୁର୍ଘଟଣା ସମୟରେ ତ୍ୱରିତ ଉଦ୍ଧାର, ରିଲିଫ୍ କାର୍ଯ୍ୟ, ଆହତ ଯାତ୍ରୀଙ୍କ ପ୍ରାଥମିକ ଚିକିତ୍ସା ଏବଂ ଟ୍ରେନ୍ ଚଳାଚଳର ଶୀଘ୍ର ସ୍ୱାଭାବିକୀକରଣ ନିମନ୍ତେ ରେଳବାଇର ପ୍ରସ୍ତୁତିକୁ ଆକଳନ କରିବା ଏହି ଅଭ୍ୟାସର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ମକ୍ ଡ୍ରିଲ୍‌ରେ ରେଳ କର୍ମଚାରୀଙ୍କ ସମେତ ଏନ୍‌ଡିଆର୍‌ଏଫ୍, ଆର୍‌ପିଏଫ୍, ଜିଆର୍‌ପି, ଅଗ୍ନିଶମ ବାହିନୀ, ଚିକିତ୍ସା ବିଭାଗ ଓ ସ୍ଥାନୀୟ ପ୍ରଶାସନ ଅଂଶଗ୍ରହଣ କରିଥିଲେ। ଲାଇନଚ୍ୟୁତ ବଗି ମଧ୍ୟରୁ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ଅଭ୍ୟାସ କରାଯାଇଛି।

୫ମ' ନିମାପଡ଼ା ବୋଇତ ବନ୍ଦାଣ ଉତ୍ସବ -୨୦୨୬

ନିମାପଡ଼ା, ୨୮/୧୧(ଜେଏନ୍.ଏସ୍) : ସ୍ଥାନୀୟ ଦେବୀମଣ୍ଡପ ଠାରେ ଦୁଇ ଦିନବ୍ୟାପି ପବିତ୍ର ୫ମ କାର୍ତ୍ତିକ ପୁର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟକବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୨୩ରେ ନୃତ୍ୟ, ଚିତ୍ରାଙ୍କନ, ଝୋଟି ମୁରୁଜ, ଶଙ୍ଖନାଦ ,ହୁଳହୁଳି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଭୋର ସଂକିର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲେ। ବୋଇତ ବନ୍ଦାଣ ପୂଜାଅର୍ଚ୍ଚନା ଓ ସଭାସହିତ ଭଜନସମାରୋହହୋଇଥିଲା ବୋଇତ ବନ୍ଦାଣ କମିଟିର ସଭାପତି ଜଗବନ୍ଧୁ ବେହେରାଙ୍କ ପୌରହିତ୍ୟରେ ପ୍ରାଚୀନ ନୌବାଣି ଐତିହ୍ୟ ସହ ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ସଭାହୋଇଥିଲା। ବୋଇତ ବନ୍ଦାଣ ପାଳନ ଅବସରରେ ରାଜ୍ୟ ସ୍ତରୀୟ କବି ସମ୍ମାଳନୀ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା । ଏହି ସାହିତ୍ୟ ଆଲୋଚନା ଚକ୍ରରେ ରାଜ୍ୟର ପ୍ରତିଷ୍ଠିତ ସାହିତ୍ୟିକ ସମାଲୋଚକ ଓ କବି ହୋଗଦେଇଥିଲେ। ମଞ୍ଚାସିନ ଅତିଥି ବୃନ୍ଦ। ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇ, , ବିଶିଷ୍ଟ ସଂଲାପ ଲେଖକ, ଚଳଚ୍ଚିତ୍ର ରଜନୀ ରଞ୍ଜନ ଦାଶ,କବି ରକ୍ଷକ ନାୟକ, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଡ଼ଃ. ବଂଶାଧର ଷଡ଼ଙ୍ଗୀ , ବ୍ୟଙ୍ଗ କବି, ସତ୍ୟାନାଶ, ପ୍ରାଧାପକ ତଥା ପ୍ରଶାସନିକ ଅଧିକାରୀ, ନିମାପଡ଼ା. ମହିବିଦ୍ୟାଳୟ ଡଃ ରବିନ୍ଦ୍ରନାଥ ପାଢ଼ୀ , ଡଃ ସୌଦାମିନୀ ଦାଶ, ଶିକ୍ଷାବିତ, କବି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଶରତ କୁମାର ପ୍ରଧାନ, ପ୍ରମୁଖ ଯୋଗଦେଇଥିଲେ।। ସଂପାଦକ ଗଙ୍ଗାଧର ଓଝା ମଂଚ ପରିଚାଳନା କରିଥିଲେ।



◆ ଓଡ଼ିଶାର ଚିକିତ୍ସା ଇତିହାସରେ କିମ୍‌ସର ନୂଆ କୀର୍ତ୍ତିମାନ

ଗୋଟିଏ ଅସ୍ତ୍ରୋପଚାରରେ ଦୁଇ ଅଙ୍ଗର ପ୍ରତିରୋପଣ

ଭୁବନେଶ୍ୱର, ୨୮/୧୧(ଜେଏନ୍ଏସ୍) : ଜଟିଳ ଚିକିତ୍ସାକୁ ସଫଳତାରେ ପରିଣତ କରି ଓଡ଼ିଶାର ସ୍ୱାସ୍ଥ୍ୟସେବା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଛି କିମ୍‌ସ। ଜଣେ ମୃତ ଅଙ୍ଗଦାତାଙ୍କଠାରୁ ସଂଗୃହୀତ ଯକୃତ ଓ ବୃକ୍କକୁ ଜଣେ ରୋଗୀଙ୍କ ଶରୀରରେ ଏକକାଳୀନ ପ୍ରତିରୋପଣ କରି କିମ୍‌ସ ଏକ ବିରଳ ସଫଳତା ହାସଲ କରିଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ପ୍ରତିରୋପଣ ସଫଳ ହୋଇଥିବା ଜଣାପଡ଼ିଛି।



ମାତ୍ର ୩୨ ବର୍ଷ ବୟସରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ଗୁରୁତର ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଘର୍ଷ କରୁଥିଲେ ଯୁବକ। ଦୀର୍ଘ ୧୮ ମାସ ଧରି ବୃକ୍କ ରୋଗ ପାଇଁ ନିୟମିତ ଡାୟାଲିସିସ୍ ଉପରେ ନିର୍ଭର କରୁଥିଲେ। ଏହାସହ ହେପାଟାଇଟିସ୍-ବି ଯୋଗୁଁ ଯକୃତ ମଧ୍ୟ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲା। ପେଟରେ ତରଳ ପଦାର୍ଥ ଜମା ହେବା ଭଳି ସମସ୍ୟା ତାଙ୍କ ଚିକିତ୍ସାକୁ ଆହୁରି ଜଟିଳ କରିଦେଇଥିଲା।

ଏଭଳି ସଙ୍କଟଜନକ ସ୍ଥିତିରେ ଉଭୟଯକୃତ ଓ ବୃକ୍କ ପ୍ରତିରୋପଣ ହିଁ ତାଙ୍କ ପାଇଁ ଏକମାତ୍ର ବଡ଼ ଆଶା ଥିଲା। ଏହି ସମୟରେ ଜଣେ ମୃତ ଅଙ୍ଗଦାତାଙ୍କ ପରିବାର ଅଙ୍ଗଦାନ ପାଇଁ ସମ୍ମତି ଦେବା ପରେ କିମ୍‌ସରେ ପ୍ରତିରୋପଣ ପ୍ରକ୍ରିୟା ସମ୍ଭବ ହୋଇଥିଲା। ଅତ୍ୟନ୍ତ ଜଟିଳ ଏହି ଚିକିତ୍ସା ପ୍ରକ୍ରିୟାରେ ଡାକ୍ତରୀ ଟିମ୍‌କୁ ଲଗାତାର ୧୪ ଘଣ୍ଟା ଧରି ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା। ୧୪ ଜଣ ବିଶେଷଜ୍ଞ ଡାକ୍ତରଙ୍କ ସମନ୍ୱିତ ପ୍ରୟାସରେ ଉଭୟ ଅଙ୍ଗର ପ୍ରତିରୋପଣ ସଫଳ ହୋଇଥିଲା। ଯକୃତ ପ୍ରତିରୋପଣର ନେତୃତ୍ୱ ନେଇଥିଲେ ଡା. ସତ୍ୟପ୍ରକାଶ ରାୟ ଚୌଧୁରୀ। ବୃକ୍କ ପ୍ରତିରୋପଣରେ ଡା. ପ୍ରିୟବ୍ରତ ଦାସ, ଡା. ଦେବାଶିଷ ରାଉତରାୟ ଓ ଡା. ଜ୍ୟୋତିକାନ୍ତ ବେହେରା ସାମିଲ ଥିଲେ। ଆନାସ୍ଥେସିଆ ବିଭାଗରୁ ଡା. ନିକୁଞ୍ଜ କିଶୋର ରାଉତ ଓ ଡା. ଶକ୍ତି ସ୍ୱରୂପ, କ୍ରିଟିକାଲ କେୟାର ଓ ରେଡିଓଲୋଜିରୁ ଡା. ଅରୁଣ ରଥ ଓ ଡା. ବିପିନ ବିହାରୀ ପ୍ରଧାନ ଏହି ଅଭିଯାନରେ ଯୋଗଦେଇଥିଲେ। ଅଙ୍ଗଦାତା ପରିଚାଳନାରେ ଡା. ସୁଜିତ କୁମାର ପ୍ରଧାନ, ଡା. ଦେବୀପ୍ରସାଦ ଦାଶ ଓ ଡା. ତପସ ରଞ୍ଜନ ଲେଙ୍କାଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ ଥିଲା। ପ୍ରତିରୋପଣ ପରେ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ ତାଙ୍କ ଯକୃତ ଓ ବୃକ୍କ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ସୁସ୍ଥ ହେବା ପରେ ତାଙ୍କୁ ହସ୍ପିଟାଲରୁ ଛାଡ଼ି ଦିଆଯାଇଛି। ଏହି ଅସାଧାରଣ ସଫଳତା ପାଇଁ କିଟ୍, କିସ୍ ଓ କିମ୍‌ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରିଛନ୍ତି। ଏହି ସଫଳତା ଆଧୁନିକ ଚିକିତ୍ସା ବିଜ୍ଞାନର ଦକ୍ଷତା ସହ ଅଙ୍ଗଦାନର ମହାନତାକୁ ମଧ୍ୟ ସାମ୍ନାକୁ ଆଣିଛି। ଜଣେ ମୃତ ବ୍ୟକ୍ତିଙ୍କ ଅଙ୍ଗ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇବାରେ କେତେ ମୂଲ୍ୟବାନ ହୋଇପାରେ, କିମ୍‌ସର ଏହି ସଫଳତା ତାହାର ଏକ ଜ୍ୱଳନ୍ତ ଉଦାହରଣ।

୩୨ ବର୍ଷୀୟ ଯୁବକଙ୍କୁ ଜୀବନଦାନ

ନୟାଗଡ଼ରେ ସମ୍ବିଧାନ ରକ୍ଷା ରାଲି

ନୟାଗଡ଼, ୨୮/୧୧ (ଜେଏନ୍ଏସ୍) : ଭୋଟ ବଚାଓ ଦେଶ ବଚାଓ ଆଜି ନଭେମ୍ବର ୨୫ ସମ୍ବିଧାନ ରକ୍ଷା ପାଇଁ ନୟାଗଡ଼ରେ କଂଗ୍ରେସ ପକ୍ଷରୁ ବିଶାଳ ମୋଟର ସାଇକେଲ ରାଲି ବିଜିପୁର ଠାରୁ ବାହାରି ବିଭିନ୍ନ ପଞ୍ଚାୟତ ଦେଇ ନୟାଗଡ଼ ସହର ପରିକ୍ରମା କରି ଟ୍ରାଫିକ ଛକ ଠାରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ଥିଲା କ୍ଷ ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶଙ୍କ ନେତୃତ୍ୱରେ ଆୟୋଜିତ ସମ୍ବିଧାନ ରକ୍ଷା ରାଲିରେ ବରିଷ୍ଠ ନେତା ହୁସେନ ଖାନ, ଲକ୍ଷ୍ମୀଧର ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ଶାନ୍ତ, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମନୋଜ ସାହୁ, ରାଜ୍ୟ ଓବିସି ଉପସଭାପତି କମଳ ଚରଣ ସାହୁ, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ହାସୀମ ଖାନ, ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ନୟାଗଡ଼ ମୁନିସିପାଲିଟି କଂଗ୍ରେସ ସଭାପତି ରାଜକିଶୋର ଜେନା, ଓବିସି କଂଗ୍ରେସ ଜିଲ୍ଲା ସଭାପତି ପୀତବାସ ଖୁଣ୍ଟିଆ, ସେବାଦଳ ଜିଲ୍ଲା ସଭାପତି ଦିଗାମ୍ବର ବେହେରା,ଯୁବ କଂଗ୍ରେସ ନେତା ଶିବରଞ୍ଜନ ସାହୁ, ଓମ ପ୍ରସାଦ ପ୍ରଧାନ, ଆଦିତ୍ୟ ପ୍ରସ




ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ପଦ୍ମ ପୁରସ୍କାର ୨୦୨୬ ପାଇଁ ଓଡ଼ିଆ। ନୌସୈନିକ ବିଦ୍ୟାଧର ନାୟକଙ୍କ ନାମ ସୁପାରିଶ

ଭୁବନେଶ୍ୱର, ୨୮/୧୧ (ଜେଏନ୍ଏସ୍) : ପୁରା ଜିଲ୍ଲା କାକଟପୁର ଅଞ୍ଚଳର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଭାରତୀୟ ନୌସେନାର ପୂର୍ବତନ ପେଟି ଅଫିସର ରେଡିଓ (ସ୍ୱେଶାଲ) ଶ୍ରୀ ବିଦ୍ୟାଧର ନାୟକଙ୍କ ଗୌରବମୟ ସାମରିକ ସେବା, ସାହସିକତା ଏବଂ ଦୀର୍ଘ ଦଶକର ଜନସେବାକୁ ସ୍ୱୀକୃତି ସ୍ୱରୂପ 'ଇଲେକ୍ଟ୍ରୋନିକ୍ ୱାରଫେୟାର ଓ ଜନସେବା' ବର୍ଗରେ ୨୦୨୬ ପଦ୍ମଶ୍ରୀ ପୁରସ୍କାର ପାଇଁ ବିଧିବଦ୍ଧ ଭାବେ ନାମାଙ୍କିତ କରାଯାଇଛି ।

ଭାରତୀୟ ନୌସେନାରେ ୧୫ ବର୍ଷର ସେବାକାଳ (୧୯୮୭–୨୦୦୨) ମଧ୍ୟରେ ଶ୍ରୀ ନାୟକ ନୌସେନା ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ ୱାରଫେୟାର (EW) କ୍ଷେତ୍ରରେ ବିଶେଷ ଦକ୍ଷତା ଅର୍ଜନ କରିଥିଲେ। କୋଚିସ୍ଥିତ ନାଭାଲ୍ ସିଗ୍ନାଲ୍ ସ୍କୁଲରେ ୯୧.୧% ନମ୍ବର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହିତ 'ବେଷ୍ଟ ଅପରେଟର ଟ୍ରଫି' ଲାଭ କରିଥିବା ଶ୍ରୀ ନାୟକ, ୨୦୦୧ ମସିହା ନଭେମ୍ବର ୧୭ ତାରିଖରେ ପାରସ୍ୟ ଉପସାଗରରେ ନିୟୋଜିତ ଯୁଦ୍ଧଜାହାଜ INS Mysore ରେ କାର୍ଯ୍ୟରତ ଥିବାବେଳେ ଏକ ଐତିହାସିକ ସଫଳତା ହାସଲ କରିଥିଲେ। ତୀବ୍ର ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ମଧ୍ୟରେ ଜାହାଜର AJANTA ଇଲେକ୍ଟ୍ରୋନିକ୍ ୱାରଫେୟାର ସିଷ୍ଟମ୍ ମାଧ୍ୟମରେ ସେ ପ୍ରଥମ ଥର ପାଇଁ ଏକ ଫାଲକନ୍ AWACS ବିମାନର ରାଡାର ସିଗ୍ନାଲକୁ ସଫଳତାର ସହ ଠାବ ଓ ଚିହ୍ନଟ କରିଥିଲେ। ୧୭ ନଭେମ୍ବର ୨୦୦୧ ପୂର୍ବରୁ ଭାରତୀୟ ସେନାରେ AWACS ସମ୍ପର୍କିତ କୌଣସି ଧାରଣା ନଥିବାବେଳେ, ଶ୍ରୀ ନାୟକ ହିଁ ପ୍ରଥମ ଭାରତୀୟ ସାମରିକ ବାହିନୀକୁ AWACS ଧାରଣା ପ୍ରଦାନ କରିଥିଲେ। ନୌସେନା ମୁଖ୍ୟାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସେ ପଠାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ଗୁପ୍ତଚର ତଥ୍ୟ ପରବର୍ତ୍ତୀ ସମୟରେ ଭାରତର ନିଜସ୍ୱ AWACS କ୍ଷମତା ହାସଲ ଦିଗରେ ମାର୍ଗ ପ୍ରଶସ୍ତ କରିଥିଲା। ସାମରିକ ସେବା ବ୍ୟତୀତ ଭୁବନେଶ୍ୱରର ଆଲୋକ ଭାରତୀ ଟାୱାରର ଚତୁର୍ଥ ମହଲାରେ ଘଟିଥିବା ଏକ ଭୟାବହ ଅଗ ଅଗ୍ନିକାଣ୍ଡ ସମୟରେ ଶ୍ରୀ ନାୟକ ଅସାଧାରଣ ଉପସ୍ଥିତ ବୁଦ୍ଧିର ପରିଚୟ ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସେ ଏକାକୀ ଅଗ୍ନି ନିର୍ବାପକ ଯନ୍ତ୍ର ସହାୟତାରେ ନିଆଁକୁ ଆୟତ୍ତ କରି ୨୦୦ରୁ ଅଧିକ କର୍ମଚାରୀଙ୍କ ଜୀବନ ରକ୍ଷା କରିଥିଲେ।



ଅବସର ଗ୍ରହଣ ପରେ ଶ୍ରୀ ନାୟକ ଓଡ଼ିଶାର ପୂର୍ବତନ ସୈନିକମାନଙ୍କ କଲ୍ୟାଣ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଇଣ୍ଡିଆନ୍ ଏକ୍ସ-ସର୍ଭିସେସ୍ ଲିଗ୍ (ଓଡ଼ିଶା)ର ସାଧାରଣ ସମ୍ପାଦକ ଏବଂ ଭେଟରାନ୍ସ କ୍ଲବ୍ ଓଡ଼ିଶାର ସଭାପତି ଭାବେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି:

ପୂର୍ବତନ ସୈନିକଙ୍କ ପାଇଁ ସଂସ୍ଥାଗତ ସଂସ୍କାର: କଟକରେ ଆର୍ମଡ୍ ଫୋର୍ସେସ୍ ଟ୍ରିବ୍ୟୁନାଲ୍ (AFT) ସର୍କିଟ୍ ବେଞ୍ଚ ପ୍ରତିଷ୍ଠା, ସୈନିକ ସ୍କୁଲରେ ଛାତ୍ରୀଙ୍କ ନାମଲେଖା, OUATରେ ପୂର୍ବତନ ସୈନିକଙ୍କ ସନ୍ତାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଏବଂ ଭୁବନେଶ୍ୱରରେ ସ୍ଥାନୀୟ CSD ଯାନବାହାନ କ୍ରୟ ସୁବିଧା ପାଇଁ ନିରନ୍ତର ପ୍ରୟାସ କରିଛନ୍ତି।

• ପେନସନ୍ ଅଭିଯୋଗ ସମାଧାନ: ପ୍ରତିରକ୍ଷା ଲେଖା ବିଭାଗ ସହଯୋଗରେ ନୌସେନା ପେନସନ୍ ଅଦାଲତ ଆୟୋଜନ କରି ୧୫୦ରୁ ଅଧିକ ପୂର୍ବତନ ସୈନିକଙ୍କ ଦୀର୍ଘ ଦିନର ସମସ୍ୟାର ସମାଧାନ କରିଛନ୍ତି।

• ରାଜ୍ୟ ବିକାଶ ଓ ଐତିହ୍ୟ ସୁରକ୍ଷା: ଓଡ଼ିଶା ଉପକୂଳରେ ଜାହାଜ ନିର୍ମାଣ କାରଖାନା ପ୍ରତିଷ୍ଠା, ପ୍ରାଚୀ ନଦୀର ପୁନରୁଦ୍ଧାର, କଳିଙ୍ଗର ପ୍ରାଚୀନ ନୌବାଣିଜ୍ୟ ଐତିହ୍ୟର ସ୍ୱୀକୃତି ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ନିଜ ଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରି ଶ୍ରୀ ନାୟକ କହିଛନ୍ତି, "ସେନାବାହିନୀରେ କୌଣସି ପୁରସ୍କାରର ଆଶା ନ ରଖି କର୍ତ୍ତବ୍ୟ ପାଳନ କରାଯାଏ, କାରଣ ଦେଶ ସର୍ବଦା ବ୍ୟକ୍ତିଠାରୁ ବଡ଼। ସାମୁଦ୍ରିକ ସୀମା ସୁରକ୍ଷା ହେଉ କିମ୍ବା ଅବସର ପରେ ପୂର୍ବତନ ସୈନିକ ଓ ସମାଜର ସେବା, ନିଷ୍ଠା ଓ ଶୃଙ୍ଖଳାର ସହ ଦେଶ ସେବା କରିବା ମୋର ଏକମାତ୍ର ଲକ୍ଷ୍ୟ।"

ଝାରସୁଗୁଡ଼ାରେ ବେଦାନ୍ତ କରିବ ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ



- ୩,୮୧୦ କୋଟିର ୧୯ଟି ନିବେଶ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ମଞ୍ଜୁରୀ
- ୧୧,୨୫୧ ଜଣଙ୍କୁ ମିଳିବ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨୮/୧୧(ଜେଏନ୍ଏସ୍): ରାଜ୍ୟରେ ଶିଳ୍ପାୟନ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର ୩,୮୧୦.୨୫ କୋଟି ଟଙ୍କା ମୂଲ୍ୟର ୧୯ଟି ଗୁରୁତ୍ୱପୂର୍ଣ୍ଣ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୨ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ସବୁଜ ସଙ୍କେତ ମିଳିଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ପ୍ରାୟ ୧୧,୨୫୧ ଜଣଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମଞ୍ଜୁରୀ ପାଇଥିବା ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲା ଯଥା ବାଲେଶ୍ୱର, କଟକ, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ ଏବଂ ସୁନ୍ଦରଗଡ଼ରେ ପ୍ରତିଷ୍ଠା କରାଯିବ। ପର୍ଯ୍ୟଟନ, ଶକ୍ତି, ବୟନଶିଳ୍ପ, ସ୍ୱାସ୍ଥ୍ୟସେବା, ଇସ୍ପାତ, ସବୁଜ ଶକ୍ତି ଏବଂ ରିସାଇକ୍ଲିଂ ଭଳି ୧୦ଟି ପ୍ରମୁଖ କ୍ଷେତ୍ରରେ ଏହି ପୁଞ୍ଜିନିବେଶ ହେବ। ଶକ୍ତି କ୍ଷେତ୍ରରେ ସର୍ବାଧିକ ୧,୩୯୫.୭୦ କୋଟି ଟଙ୍କାର ଦୁଇଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଶ୍ରୀ ମହାବୀର ଫେରୋ ଆଲଏଜ୍ ପକ୍ଷରୁ ସୁନ୍ଦରଗଡ଼ରେ ୯୧୨.୮୦ କୋଟି ଟଙ୍କା ବ୍ୟୟରେ ୧୩୫ ମେଗାୱାଟ୍‌ର ତାପଜ ବିଦ୍ୟୁତ୍ କେନ୍ଦ୍ର ଏବଂ ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ପକ୍ଷରୁ କଟକରେ ୪୮୨.୯୦ କୋଟି ଟଙ୍କା ବ୍ୟୟରେ ବିଦ୍ୟୁତ୍ କେନ୍ଦ୍ରର ସମ୍ପ୍ରସାରଣ କରାଯିବ। ଏଥିରେ ୧,୨୨୫ ଜଣଙ୍କୁ ନିଯୁକ୍ତି ମିଳିବ।

ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ୬୦୭ କୋଟି ଟଙ୍କାର ୭ଟି ପ୍ରକଳ୍ପ ମଞ୍ଜୁର ହୋଇଛି, ଯାହା ୧,୫୦୦ ନିଯୁକ୍ତି ସୃଷ୍ଟି କରିବ। କୋରାପୁଟରେ ସର୍ବାଧିକ ୨୯୭ କୋଟି ଟଙ୍କା ବ୍ୟୟରେ ତିନୋଟି ବିଳାସପୂର୍ଣ୍ଣ ଓ ଇକୋ-ରିସର୍ଟ ନିର୍ମାଣ ହେବ। ସେହିପରି କଟକ, ଝାରସୁଗୁଡ଼ା ଓ ବାଲେଶ୍ୱରରେ ଚାରି-ତାରକା ହୋଟେଲ ଏବଂ ଆମ୍ୟୁଜମେଣ୍ଟ ପାର୍କର ସମ୍ପ୍ରସାରଣ କରାଯିବ।

ଖୋର୍ଦ୍ଧା ଜିଲ୍ଲାରେ ବଡିକେୟାର କ୍ରିଏସନ୍ସ ଲିମିଟେଡ୍ ପକ୍ଷରୁ ୨୨୫ କୋଟି ଟଙ୍କା ବ୍ୟୟରେ ଏକ ବୃହତ୍ ପୋଷାକ ନିର୍ମାଣ ୟୁନିଟ୍ ସ୍ଥାପନ କରାଯିବ। ଏହି ଗୋଟିଏ ପ୍ରକଳ୍ପରୁ ସର୍ବାଧିକ ୫,୫୦୦ ଜଣଙ୍କୁ ନିଯୁକ୍ତି ମିଳିବାର ଲକ୍ଷ୍ୟ ରଖାଯାଇଛି। ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ ପକ୍ଷରୁ ୩୧୧.୫୨ କୋଟି ଟଙ୍କା ବିନିଯୋଗରେ ଏକ ୨୦୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରାଯିବ, ଯାହାଦ୍ୱାରା ୭୧୦ ଜଣ ନିଯୁକ୍ତି ପାଇବେ। ଏଥିସହ ଖୋର୍ଦ୍ଧାରେ ପେଣ୍ଟାୱାନ୍ ଲାଇଫ୍‌କେୟାର ୬୨.୪୧ କୋଟି ଟଙ୍କାରେ ସ୍ୱାସ୍ଥ୍ୟ ଉପକରଣ ୟୁନିଟ୍ ସ୍ଥାପନ କରିବ। କେନ୍ଦୁଝରରେ କ୍ରାକର୍ସ ଇଣ୍ଡିଆ ପକ୍ଷରୁ ୪୫୦ କୋଟି ଟଙ୍କା ବ୍ୟୟରେ ଇସ୍ପାତ କାରଖାନାର ସମ୍ପ୍ରସାରଣ ହେବାକୁ ଥିବା ବେଳେ ସୁନ୍ଦରଗଡ଼ ଓ ଗଞ୍ଜାମରେ ୫୨୫.୧୧ କୋଟି ଟଙ୍କାର ତିନୋଟି ଡାଉନଷ୍ଟ୍ରିମ୍ ମେଟାଲ୍ ପ୍ରକଳ୍ପ ପ୍ରତିଷ୍ଠା ହେବ। କେନ୍ଦ୍ରାପଡ଼ାରେ ଇଭି ଇନୋଭେଜିକ୍ ଇଣ୍ଡିଆ ପକ୍ଷରୁ ୫୨ କୋଟି ଟଙ୍କା ବ୍ୟୟରେ ସୌରଚାଳିତ ବୈଦ୍ୟୁତିକ ବୋଟ୍ ନିର୍ମାଣ ୟୁନିଟ୍ ଏବଂ ସୁନ୍ଦରଗଡ଼ରେ ନେଟ୍ ଜିରୋ ରିନ୍ୟୁଏବଲ୍ସ ପକ୍ଷରୁ ୧୧୬.୪୯ କୋଟି ଟଙ୍କାର ରିସାଇକ୍ଲିଂ ୟୁନିଟ୍ ସ୍ଥାପନ ପାଇଁ ଅନୁମୋଦନ ମିଳିଛି।

ରାଜଧାନୀରେ କଂଗ୍ରେସର 'ସମ୍ବିଧାନ ରକ୍ଷା ଶୋଭାଯାତ୍ରା'



- ଭୋଟ୍ ଅଧିକାର ଓ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ସରକାରଙ୍କୁ ଘେରିଲା ଦଳ
- କଂଗ୍ରେସ ଭବନରୁ ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ବିଶାଳ ରାଲି
- ଏସ୍‌ଆଇଆର୍ ବାତିଲ, ମୁଖ୍ୟ ନିର୍ବାଚନ କମିଶନରଙ୍କ ବହିଷ୍କାର ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୨୮/୧୧ (ଜେଏନ୍ଏସ୍): ସମ୍ବିଧାନ ଦିବସ ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିଶାଳ 'ସମ୍ବିଧାନ ରକ୍ଷା ଶୋଭାଯାତ୍ରା' ଓ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦେଶରେ ସମ୍ବିଧାନ ଓ ଗଣତନ୍ତ୍ର ବିପଦରେ ଥିବା ଅଭିଯୋଗ କରି ଦଳର ଶତାଧିକ ନେତା ଓ କର୍ମୀ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଯାଇଥିଲେ ଏବଂ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ତୀବ୍ର ବର୍ଷିଥିଲେ କଂଗ୍ରେସ ନେତାମାନେ। ସ୍ୱତନ୍ତ୍ର ସଘନ ସଂଶୋଧନ ନାଁରେ ପ୍ରକୃତ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଉଥିବା କଂଗ୍ରେସ ଅଭିଯୋଗ କରିଛି। ନିର୍ବାଚନ ଆୟୋଗ ସରକାରଙ୍କ ହାତବାରିସି ସାଜି ଲୋକଙ୍କ ଭୋଟ୍ ଅଧିକାର ଚୋରି କରୁଛନ୍ତି ବୋଲି ଲାଲଜୀ ଦେଶାଇ ଅଭିଯୋଗ ଆଣିବା ସହ ତୁରନ୍ତ ଏସ୍‌ଆଇଆର୍ ପ୍ରକ୍ରିୟା ବାତିଲ କରିବାକୁ ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବାକୁ ଦଳ ଦାବି କରିଛି।

କେବଳ ଜାତୀୟ ପ୍ରସଙ୍ଗ ନୁହେଁ, ବରଂ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ଘେରିଛି। ବିଦ୍ୟାଳୟଛାତ୍ରଛାତ୍ରୀଙ୍କୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବଣ୍ଟନ ଘଟଣାକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ। ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ୨୦୨୬ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି, ଯାହାଦ୍ୱାରା ରାଜ୍ୟର ରାଜସ୍ୱ କ୍ଷତି ହେଉଥିବା ଦଳ କହିଛି। କୋଟିଆ ଗ୍ରାମପୁଞ୍ଜର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ସହ ମହାନଦୀ ଓ ପୋଲାଭରମ୍ ବିବାଦର ସମାଧାନ ଏବଂ ବନ୍ୟା ପରିଚାଳନାରେ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ପ୍ରତିବାଦ ଜଣାଇଛି। ଅନ୍ୟପଟେ କଂଗ୍ରେସର ଏହି ବିକ୍ଷୋଭକୁ କଡ଼ା ସମାଲୋଚନା କରିଛି ଭାରତୀୟ ଜନତା ପାର୍ଟି (ବିଜେପି)। ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ, ୧୯୭୫ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରି ବିରୋଧୀ ନେତାଙ୍କୁ ଜେଲ୍‌ରେ ପୂରାଇଥିବା କଂଗ୍ରେସ ଦଳ ହିଁ ସମ୍ବିଧାନକୁ ସବୁଠାରୁ ଅଧିକ ଅସମ୍ମାନ କରିଛି। କଂଗ୍ରେସ ନେତାମାନେ ପ୍ରତିଦିନ ସମ୍ବିଧାନ ଉପରେ ଆକ୍ରମଣ କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି।

ଝାଡ଼ଖଣ୍ଡ ହାତୀଙ୍କ ଆଗମନରେ ଅଧିକାରୀଙ୍କ ସମନ୍ୱୟ ବୈଠକ

ନୀଳଗିରି, ୨୮/୧୧ (ଜେଏନ୍ଏସ୍) : ନୀଳଗିରି ବନାଞ୍ଚଳରେ ଝାଡ଼ଖଣ୍ଡ ହାତୀଙ୍କ ଆଗମନରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭର୍ତ୍ତୁଆଲ ମୋଡରେ ବାଲେଶ୍ୱର ଜିଲ୍ଲା ବନାଞ୍ଚଳ ଅଧିକାରୀ ପ୍ରତୀକ ଇନ୍ଦଳକରଙ୍କ ଆବାହକତ୍ୱରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବନାଞ୍ଚଳ ଅଧିକାରୀ ମାନୱାର ଖାନ୍ ନୀଳଗିରି ଅଧିନସ୍ଥ ଜଙ୍ଗଲରେ ଝାଡ଼ଖଣ୍ଡ ହାତୀ ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ଏକ ଦଳ ଦନ୍ତା, ମାଇ ହାତୀ ଓ ଛୁଆ ସହିତ ଆଗମନ କରିସାରିଛନ୍ତି।ଏହି ହାତୀମାନଙ୍କ ଆଗମନ ଫଳରେ ବଣ ସୀମା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସାଧାରଣ ଜନତାଙ୍କ ଧନ, ଜନ ଏବଂ ଜୀବନ ସୁରକ୍ଷା ପାଇଁ ପ୍ରଶାସନିକ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ବନାଞ୍ଚଳ ଅଧିକାରୀ ଇନ୍ଦଳକର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ହାତୀ ଯାତାୟତ ପଥରେ ଚଳପ୍ରଚଳ କରୁଥିବା ସମୟରେ ସାଧାରଣ ଲୋକଙ୍କ ଦ୍ୱାରା ଉପୁଜୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଉଭୟ ନୀଳଗିରି ଏବଂ ବରହମପୁର ଥାନାକୁ ମୁତୟନ ନିମନ୍ତେ ପରାମର୍ଶ ଦିଆଯାଇଛି। ହାତୀ ସୋଲାର ତାର ବାଡ ସମେତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାର ସମ୍ଭାବନା ଯୋଗୁଁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇ ସୁବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଏତଦ୍ ଭିନ୍ନ ବଣ ସୀମା ଅଞ୍ଚଳରେ ସଚେତନତା ପାଇଁ ପ୍ରଚାର ପ୍ରସାର ଦିଗରେ ପଦକ୍ଷେପ ନେବା , ନିଆଁ, ବାଣ ଫୁଟାଇବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।ବିଶେଷ ଭାବରେ ହାତୀଙ୍କ ଦ୍ୱାରା ବାସଗୃହ ଭାଙ୍ଗିବା, ଧନ ଜୀବନ ସୁରକ୍ଷା ନିମନ୍ତେ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ପ୍ରଶାସନ ସଜାଗ ରହିବା ଉପରେ ଗୁରୁତତ୍ୱାରୋପ କରାଯାଇଥିଲା।

ବାଲେଶ୍ୱରରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ



ସୋର, ୨୮/୧୧ (ଜେଏନ୍ଏସ୍) : ବାଲେଶ୍ୱର ଜିଲ୍ଲାର ସୋର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସୋର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୯୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୭୬ ଗୋଟି ବ୍ୟକ୍ତିଗତ ଓ ୧୩ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ବିଡିଓ, ସୋର ସୁବ୍ରତ କୁମାର ବେହେରା, ତହସିଲଦାର, ଚିନ୍ମୟ କୁମାର ରାଉତ, ନିର୍ବାହୀ ଅଧିକାରୀ, ସୋର ମ୍ୟୁନିସିପାଲଟି ବିଶ୍ୱରଂଜନ ପ୍ରଧାନଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଜାତୀୟ ପଲ୍‌ସ ପୋଲିଓ ଟୀକାକାରଣ ଦିବସ ପାଳିତ



ବାଲେଶ୍ୱର, ୨୮/୧୧ (ଜେଏନ୍ଏସ୍) : ସାଜି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସକାଳ ୮ ଘଟିକା ସମୟରେ ଜିଲ୍ଲା ଟିକା କରଣ କେନ୍ଦ୍ର କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷ୍ୟତାରେ ପୋଲିଓ ଟିକାକରଣର ଶୁଭ ଉଦଘାଟନ ସମାରୋହ ଆୟୋଜିତ ହୋ

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

"ଯୋଡ଼ିବା ପ୍ରବାସୀ ଓଡ଼ିଆଙ୍କୁ, ସଶକ୍ତ କରିବା ଓଡ଼ିଶାକୁ"



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

'କଥା ସ୍ୱାଭିମାନର ବିଚାର ଆପଣଙ୍କର,

ପ୍ରଥମେ ଓଡ଼ିଶା ବାହାରେ ବସବାସ କରୁଥିବା ସମସ୍ତ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ।

ନିଜ ମାଟିଠାରୁ ଦୂରରେ ବିଭିନ୍ନ ରାଜ୍ୟରେ ରହିଲେ ମଧ୍ୟ ମାତୃଭୂମି ଓଡ଼ିଶା ପ୍ରତି ଆପଣଙ୍କର ଦାୟିତ୍ୱ ଓ ଓଡ଼ିଆ ଅସ୍ମିତା ପ୍ରତି ଭଲପାଇବା ରହିବା ନିହାତି ଆବଶ୍ୟକ । ମୁଁ ଜଣେ ସ୍ୱାଭିମାନି ଓଡ଼ିଆ ହିସାବରେ ଆପଣ ମାନଙ୍କ ପାଇଁ ଗର୍ବ ଅନୁଭବ କରୁଛି ।

ଆପଣ ମାନେ ଓଡ଼ିଶାର ମାଟିଠାରୁ ହଜାର ହଜାର କିଲୋମିଟର ଦୂରରେ ରହୁଛନ୍ତି । କିନ୍ତୁ ମନେ ରଖିବା ଉଚିତ, ଆପଣ ମାନଙ୍କ ଶରୀର ହୁଏତ ରାଜ୍ୟ ବାହାରେରେ ରହିଛି, ହେଲେ ଆପଣ ମାନଙ୍କ ହୃଦୟରେ ଓଡ଼ିଶା ରହିଛି । ଏବଂ ମନରେ ରହିଛି ମା' ମାଟିର ମମତା, ଆମ ସଂସ୍କୃତିର ଗୌରବ ଓ ଜଗନ୍ନାଥଙ୍କ ଅସୀମ ଆଶୀର୍ବାଦ । ଆଜି ଭାରତର ବିଭିନ୍ନ ରାଜ୍ୟରେ ହଜାର ହଜାର ଓଡ଼ିଆ ଯୁବକ, ଯୁବତୀ, ଶ୍ରମିକ, ଉଦ୍ୟୋଗୀ, ଶିକ୍ଷକ, ଇଞ୍ଜିନିୟର ଓ ବିଭିନ୍ନ ବୃତ୍ତିରେ ନିୟୋଜିତ ଲୋକ ନିଜର ପରିଶ୍ରମ ଓ ପ୍ରତିଭା ବଳରେ ନିଜ ପରିବାର ସହିତ ଓଡ଼ିଶାର ନାମକୁ ମଧ୍ୟ ଉଜ୍ଜ୍ୱଳ କରୁଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ । କିନ୍ତୁ ମୋର ଗୋଟିଏ ପ୍ରଶ୍ନ ଅଛି ସମସ୍ତ ପ୍ରବାସୀ ଓଡିଆ ଭାଇ ଭଉଣୀ ମାନଙ୍କୁ କି ଆପଣ ମାନେ ଆପଣଙ୍କ ନିଜ ଜୀବନର ଉନ୍ନତି ପାଇଁ ଓଡ଼ିଶା ଛାଡ଼ି ଅନ୍ୟ ରାଜ୍ୟକୁ ଆସିଛନ୍ତି । କିନ୍ତୁ ଆମ ଓଡ଼ିଶାର ଉନ୍ନତି ପାଇଁ ଆପଣ ମାନଙ୍କର ଅବଦାନ କ'ଣ ରହିବ ? ଆପଣ ମାନେ କେବଳ ନିଜ ପରିବାରର ଭବିଷ୍ୟତ ଗଢ଼ିବେ ନା ଆମ ମାତୃଭୂମିର ଭବିଷ୍ୟତ ଗଢ଼ିବାରେ ମଧ୍ୟ ଭାଗୀଦାର ହେବେ ? ମୋର ବିଶ୍ୱାସ, ଆପଣ ମାନେ ଦୁଇଟି ଯାକ ଦାୟିତ୍ୱ ସଫଳତାର ସହ ତୁଲାଇ ପାରିବେ ।

ଆଉ କିଛି କଥା ମୁଁ ଆପଣ ସମସ୍ତଙ୍କୁ କହିବାକୁ ଚାହେଁ,

ପ୍ରଥମ କଥା:- ଓଡ଼ିଆ ଅସ୍ମିତା ଓ ଆମ ସଂସ୍କୃତି

ଆପଣ ମାନେ ଯେଉଁଠି ରହିବେ, ନିଜ ମାତୃଭାଷାକୁ ଭୁଲିବେ ନାହିଁ। ଆପଣ ମାନଙ୍କର ପିଲାମାନଙ୍କୁ ଓଡ଼ିଆ କହିବା, ପଢ଼ିବା ଓ ଲେଖିବା ଶିଖାଇବେ । ଓଡ଼ିଆ ପର୍ବପର୍ବାଣୀ, ରଥଯାତ୍ରା, ରଜ, ନୂଆଖାଇ, ବାଲିଯାତ୍ରା ଓ ଉତ୍କଳ ଦିବସକୁ ଗର୍ବର ସହ ପାଳନ କରିବେ । କାରଣ ଭାଷା ହେଉଛି ଆମର ପରିଚୟ ଏବଂ ସଂସ୍କୃତି ହେଉଛି ଆମର ଆତ୍ମା ।

ଦ୍ୱିତୀୟ କଥା:– ଓଡ଼ିଆ ଏକତା

ବିଭିନ୍ନ ରାଜ୍ୟରେ ରହୁଥିବା ଓଡ଼ିଆମାନେ ଜାତି, ଧର୍ମ, ଅଞ୍ଚଳ ଓ ରାଜନୈତିକ ମତଭେଦକୁ ଭୁଲି ଏକାଠି ହେବା ଦରକାର । ଆପଣ ମାନଙ୍କ ମଧ୍ୟରେ କେହି ଯଦି ଅସୁବିଧାରେ ପଡ଼ନ୍ତି, ତାଙ୍କ ପାଖରେ ଠିଆ ହେବା ଆପଣ ମାନଙ୍କର ମାନବୀୟ କର୍ତ୍ତବ୍ୟ । କୌଣସି ଓଡ଼ିଆ ଶ୍ରମିକ ଅନ୍ୟାୟର ଶିକାର ହେଲେ, କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ, କୌଣସି ପରିବାର ଚିକିତ୍ସା ବା ଆର୍ଥିକ ସମସ୍ୟାରେ ଥିଲେ, ଆପଣ ମାନେ ସମସ୍ତେ ତାଙ୍କ ସହାୟତା ପାଇଁ ଆଗେଇ ଆସିବା ଉଚିତ । ମନେ ରଖନ୍ତୁ, ଏକତା ହେଉଛି ଆମର ସବୁଠାରୁ ବଡ଼ ଶକ୍ତି ।

ତୃତୀୟ କଥା – ଓଡ଼ିଶାର ବିକାଶରେ ପ୍ରବାସୀ ଓଡ଼ିଆଙ୍କ ଭୂମିକା

ବାହାର ରାଜ୍ୟରେ ରହି ଆପଣମାନେ ଯେଉଁ ଅଭିଜ୍ଞତା, ଜ୍ଞାନ, ଦକ୍ଷତା ଓ ସଫଳତା ହାସଲ କରିଛନ୍ତି, ତାହା ଓଡ଼ିଶାର ବିକାଶରେ ଲଗାଇବା ଦରକାର । ଆମ ଯୁବପିଢ଼ିଙ୍କୁ ନିଯୁକ୍ତି, ଉଦ୍ୟୋଗ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ ଜ୍ଞାନ ସହିତ ଯୋଡ଼ିବା ଆବଶ୍ୟକ । ମୁଁ ଚାହେଁ ଏମିତି ଏକ ଓଡ଼ିଶା, ଯେଉଁଠି ଯୁବକମାନେ ବାଧ୍ୟ ହୋଇ ରାଜ୍ୟ ଛାଡ଼ିବେ ନାହିଁ; ବରଂ ନିଜ ରାଜ୍ୟରେ ରହି ସମ୍ମାନଜନକ ରୋଜଗାର ପାଇବେ । ଆପଣ ମାନଙ୍କର ଲକ୍ଷ୍ୟ ହେଉ ଓଡ଼ିଶାକୁ ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ରାଜ୍ୟରେ ପରିଣତ କରିବା ।

ଚତୁର୍ଥ କଥା – ଆପଣ ମାନଙ୍କର ସାମାଜିକ ଦାୟିତ୍ୱ ।

ଆପଣ ମାନେ ଯିଏ ଯେଉଁ ରାଜ୍ୟରେ ରହୁଛନ୍ତି ସେହି ରାଜ୍ୟ ଆପଣ ମାନଙ୍କୁ ଜୀବିକା ଦେଇଛି, ସୁଯୋଗ ଦେଇଛି, ଆପଣ ମାନଙ୍କର ସ୍ୱପ୍ନକୁ ସାକାର କରିବାର ରାସ୍ତା ଦେଇଛି । ତେଣୁ ସେଇ ରାଜ୍ୟର ଆଇନ, ଶୃଙ୍ଖଳା, ସଂସ୍କୃତି ଓ ସ୍ଥାନୀୟ ଲୋକଙ୍କ ପ୍ରତି ସମ୍ମାନ ରଖିବା ମଧ୍ୟ ଆପଣ ମାନଙ୍କର କର୍ତ୍ତବ୍ୟ । ଆପଣ ମାନେ ଜଣେ ଜଣେ ଭଲ ଓଡ଼ିଆ ହେବା ସହିତ ଜଣେ ଜଣେ ଭଲ ଭାରତୀୟ ଓ ଦାୟିତ୍ୱବାନ ନାଗରିକ ହେବା ଆଶ୍ୟକତା ରହିଛି ।

ମୋର ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନେ, ଆଜି ମୁଁ ମୋର ଏଇ ଲେଖା ମାଧ୍ୟମରେ ଆପଣମାନଙ୍କୁ ଏକ ଆହ୍ୱାନ ଦେବାକୁ ଚାହୁଁଛି । ଆସନ୍ତୁ, ଓଡ଼ଶା ବାହାରେ ରହୁଥିବା ଓଡ଼ିଆମାନେ ଏକ ଶକ୍ତିଶାଳୀ, ସଂଗଠିତ ଓ ସେବାମୂଳକ ଓଡ଼ିଆ ସମାଜ ଗଠନ କରିବା । ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ସହାୟତା ବ୍ୟବସ୍ଥା କରିବା ।

ନୂଆ ଆସୁଥିବା ଓଡ଼ିଆ ଯୁବକଙ୍କୁ ଚାକିରି ଓ ରହିବା ପାଇଁ ମାର୍ଗଦର୍ଶନ ଦେବା । ଅସହାୟ ଓଡ଼ିଆ ପରିବାରଙ୍କ ପାଖରେ ଠିଆ ହେବା । ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର କରିବା । ଓଡ଼ିଶାର ବିକାଶ ପାଇଁ ଏକ ସାମୂହିକ ଚିନ୍ତାଧାରା ସୃଷ୍ଟି କରିବା । ଆମେ ଯଦି ଏକାଠି ହେବା, ତେବେ ଆମର ସ୍ୱର କେବଳ ଓଡ଼ିଶାରେ ନୁହେଁ, ସାରା ଦେଶରେ ପହଞ୍ଚିବ । ଶେଷରେ ମୁଁ ଗୋଟିଏ କଥା କହିବାକୁ ଚାହୁଁଛି । ଆପଣ ମାନେ ଓଡ଼ିଶାରୁ ଦୂରରେ ଅଛନ୍ତି, କିନ୍ତୁ ଓଡ଼ିଶା ଆପଣ ମାନଙ୍କ ଠାରୁ ଦୂରରେ ନୁହେଁ । ଆମ ଜନ୍ମମାଟି, ଆମ ଭାଷା, ଆମ ସଂସ୍କୃତି ଓ ଆମ ଜଗନ୍ନାଥଙ୍କ ପ୍ରତି ଆପଣ ମାନଙ୍କର ଭଲପାଇବା ସବୁବେଳେ ଅତୁଟ ରହିବା ଉଚିତ ।

ଆସନ୍ତୁ, ଆମେ ଶପଥ ନେବା :

ଆମେ ଯେଉଁଠି ରହିବୁ, ଓଡ଼ିଆ ହୋଇ ରହିବୁ । ଆମେ ଯେଉଁଠି କାମ କରିବୁ, ଓଡ଼ିଶାର ଗୌରବ ବଢ଼ାଇବୁ । ଆମେ ଯେଉଁଠିକି ଯିବୁ, ଓଡ଼ିଆ ଏକତା ଓ ଭାଇଚାରାର ବାର୍ତ୍ତା ପହଞ୍ଚାଇବୁ । ଆମର ପରିଚୟ ହେବ ଓଡ଼ିଆ, ଆମର ଶକ୍ତି ହେବ ଏକତା ଏବଂ ଆମର ସଂକଳ୍ପ ହେବ ସମୃଦ୍ଧ ଓଡ଼ିଶା । ଆସନ୍ତୁ ଏକାଠି ହେବା, ଲଢିବା, ଜିତିବା ଓ ଆମ ଓଡ଼ିଶା ଆମେ ଗଢ଼ିବା ଏବଂ ବିପ୍ଳବ ଆଣିବା, ବିକଳ୍ପ ବାଛିବା, ବିକାଶ କରିବା । ଜନ ଜାଗରଣ ଏକ ବୈପ୍ଳବିକ ପରିବର୍ତ୍ତନର ଆହ୍ୱାନ ।

ଜୟ ଓଡ଼ିଶା ! ଜୟ ଓଡ଼ିଆ ! ଜୟ ଜଗନ୍ନାଥ !

ଯୁବପିଢ଼ିଙ୍କ ପାଇଁ ୨୫% ଆସନ ସଂରକ୍ଷଣ ଦାବିରେ 'ଓଡ଼ିଶା ୟୁଥ୍ ଆସେମ୍ବଲି–୨୦୨୬' ଅନୁଷ୍ଠିତ



ଭୁବନେଶ୍ୱର, ୨୮/୧୧ (ଜେଏନ୍ଏସ୍) : ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚେତନା, ରାଜନୈତିକ ସଚେତନତା ଓ ନେତୃତ୍ୱ ଦକ୍ଷତାର ବିକାଶ ଲକ୍ଷ୍ୟରେ ମନୋହର ସିଂହଙ୍କ ଆବାହକତ୍ୱରେ ଓଡ଼ିଶା ୟୁଥ୍ ଆସେମ୍ବଲି ଅର୍ଗାନାଇଜେସନ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଡକ୍ରସ୍ ଭବନଠାରେ ଓଡ଼ିଶା ୟୁଥ୍ ଆସେମ୍ବଲି–୨୦୨୬ ଆୟୋଜିତ ହୋଇଯାଇଛି । ସକାଳ ୯ଟାରୁ ଆରମ୍ଭ ହୋଇଥିବା ଏହି ଦିନବ୍ୟାପୀ କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟାରେ ସଫଳତାର ସହ ଉଦ୍‌ଯାପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗଖଟର ପ୍ରଫେସର ରଜତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅଲ୍ ଓଡ଼ିଶା କିସାନ ମଜଦୁର ମଞ୍ଚ ସଂଘର ସଭାପତି ସଚିନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶଶିକାନ୍ତ ମିଶ୍ର, ସଂଘମିତ୍ରା ଜେନା ଏବଂ ଡକ୍ଟର ମିହିର ରଞ୍ଜନ ଶରଣ ଯୋଗଦେଇଥିଲେ ।

ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ କୋଣଅନୁକୋଣରୁ ଯୁବ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏକ ପ୍ରକୃତ ବିଧାନସଭାର କାର୍ଯ୍ୟପ୍ରଣାଳୀକୁ ଅନୁକରଣ କରି ଆୟୋଜିତ ଏହି ଛାୟା ବିଧାନସଭାରେ ଯୁବପ୍ରତିନିଧିମାନେ ଶାସକ ଦଳ ଓ ବିରୋଧୀ ଦଳର ସଦସ୍ୟ ଭାବେ ନିଜ ନିଜର ଭୂମିକା ନିର୍ବାହ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶା ବିଧାନସଭାରେ ଯୁବପିଢ଼ିଙ୍କ ପାଇଁ ୨୫ ପ୍ରତିଶତ ଆସନ ସଂରକ୍ଷଣ ଦାବି । ଏହି ଦାବିକୁ ନେଇ ଛାୟା ବିଧାନସଭାରେ ଏକ ମକ୍ ବିଧେୟକ (ଗଭ୍ୟମଳ ଇସକ୍ଷକ୍ଷ) ଆଗତ କରାଯାଇଥିଲା । ରାଜ୍ୟର ବିଧାନସଭା ଓ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ଅଧିକ ପ୍ରତିନିଧିତ୍ୱ ଓ ଭାଗିଦାରି ସୁନିଶ୍ଚିତ କରିବା ଏହି ମକ୍ ବିଧେୟକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିସହିତ ତୃଣମୂଳ ସ୍ତରରେ ଯୁବ ସଶକ୍ତିକରଣ, ଯୁବପିଢ଼ିଙ୍କ ରାଜନୈତିକ ଓ ସାମାଜିକ ଭାଗିଦାରି, ଶିକ୍ଷା, ନିଯୁକ୍ତି ଏବଂ ନେତୃତ୍ୱ ବିକାଶକୁ ନେଇ ଶାସକ ଦଳ ଓ ବିରୋଧୀ ଦଳର ସଦସ୍ୟମାନେ ବିଭିନ୍ନ ନୂତନ ବିଚାରଧାରା, ଯୁକ୍ତି ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହି ଆଲୋଚନା ମାଧ୍ୟମରେ ଯୁବପିଢ଼ି କେବଳ ରାଜନୀତିର ଦର୍ଶକ ନୁହେଁ, ବରଂ ରାଜ୍ୟର ନୀତି ନିର୍ଦ୍ଧାରଣ ଓ ଭବିଷ୍ୟତ ଗଠନରେ ସକ୍ରିୟ ଭାଗୀଦାର ହେବା ଆବଶ୍ୟକ ବୋଲି ଏକ ଦୃଢ଼ ବାର୍ତ୍ତା ପ୍ରଦାନ କରାଯାଇଥିଲା ।

ଏହି ଛାୟା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଭାବେ ଆତିଶା ମହାପାତ୍ର, ଉପମୁଖ୍ୟମନ୍ତ୍ରୀ ଭାବେ ଦୁର୍ଗା ମାଧବ ମିଶ୍ର ଏବଂ ସାହିନ ପରବୀନ ଦାୟିତ୍ୱ ତୁଲାଇଥିଲେ । ସେହିପରି ବିରୋଧୀ ଦଳର ନେତା ଭାବେ ତମନ୍ନା ଭୋଇ ଏବଂ ଉପବିରୋଧୀ ଦଳର ନେତା ଭାବେ ଓମ୍ ରାଜ ମିଶ୍ର ନିଜର ଭୂମିକା ନିର୍ବାହ କରିଥିଲେ । ସମଗ୍ର କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳିତ ହୋଇଥିଲା । ଏହା କେବଳ ଏକ ପ୍ରତିଯୋଗିତା କିମ୍ବା ଔପଚାରିକ କାର୍ଯ୍ୟକ୍ରମ ନଥିଲା, ବରଂ ଯୁବପିଢ଼ିଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ପରିଚିତ କରାଇବା, ସେମାନଙ୍କ ମଧ୍ୟରେ ତର୍କଶକ୍ତି, ସାମାଜିକ ଦାୟିତ୍ୱବୋଧ ଓ ନେତୃତ୍ୱ ଦକ୍ଷତା ବିକଶିତ କରିବାର ଏକ ସାର୍ଥକ ପ୍ରୟାସ ଥିଲା । ଓଡ଼ିଶା ୟୁଥ୍ ଆସେମ୍ବଲି ଅର୍ଗାନାଇଜେସନ୍‌ର ଆବାହକ ମନୋହର ସିଂହଙ୍କ ନେତୃତ୍ୱ ଓ ପରିକଳ୍ପନାରେ ସଂଗଠନ ଯୁବପିଢ଼ିଙ୍କୁ ସକ୍ରିୟ କରିବା ସହ ସେମାନଙ୍କୁ ସମାଜ ଓ ରାଜ୍ୟର ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ କରିବା ଦିଗରେ ନିରନ୍ତର ପ୍ରୟାସରତ ରହିଛି । ଯୁବକମାନେ କେବଳ ଦର୍ଶକ ନ ହୋଇ ନିଜ ନିଜ ଅଞ୍ଚଳର ସମସ୍ୟାକୁ ଚିହ୍ନଟ କରିବା, ସମାଧାନ ପାଇଁ ମତ ରଖିବା ଏବଂ ରାଜ୍ୟ ଗଠନରେ ନିଜର ଭୂମିକା ନିର୍ବାହ କରିବା ହିଁ ସଂଗଠନର ପ୍ରମୁଖ ଉଦ୍ଦେଶ୍ୟ । "ଏକ ପ୍ରତିଶତ ଅବଦାନ, ଏକ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ" — ଏହି ମୂଳମନ୍ତ୍ରକୁ ଆଧାର କରି ଓଡ଼ିଶା ୟୁଥ୍ ଆସେମ୍ବଲି ଅର୍ଗାନାଇଜେସନ୍ ଆଗାମୀ ଦିନରେ ମଧ୍ୟ ଯୁବ ସଶକ୍ତିକରଣ, ଗଣତାନ୍ତ୍ରିକ ସଚେତନତା ଓ ନେତୃତ୍ୱ ବିକାଶ ଦିଗରେ ନିଜର ପ୍ରୟାସ ଜାରି ରଖିବ । ଏକ ସକ୍ରିୟ, ସଚେତନ ଓ ନେତୃତ୍ୱସମ୍ପନ୍ନ ଯୁବ ସମାଜ ଗଠନ ମାଧ୍ୟମରେ ଏକ ପ୍ରଗତିଶୀଳ ଓଡ଼ିଶା ନିର୍ମାଣ କରିବା ହିଁ ସଂଗଠନର ସଂକଳ୍ପ ।


୩୨ ଲକ୍ଷ ମଞ୍ଜୁର ସତ୍ତ୍ୱେ ଅଧାପନ୍ତରିଆ ବ୍ରିଜ୍ ମରାମତି କାମ

ପାରଳାଖେମୁଣ୍ଡି, ୨୮/୧୧ (ଜେଏନ୍ଏସ୍): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ପାରଳାଖେମୁଣ୍ଡି-ପୁରୁଣାପଟଣା ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍‌ର ମରାମତି କାର୍ଯ୍ୟ ଗତ ଦୁଇ ମାସ ହେଲା ଅଧାପନ୍ତରିଆ ଭାବେ ପଡ଼ିରହିଛି । ପୂର୍ତ୍ତ ବିଭାଗ ପକ୍ଷରୁ ଏଥିପାଇଁ ୩୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ସୁଦ୍ଧା କାର୍ଯ୍ୟ ଶେଷ ହେଉନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ, ଏହି ୩୨ ଲକ୍ଷ ଟଙ୍କାର ପ୍ରକଳ୍ପରେ ବ୍ରିଜ୍ ମରାମତି ସହିତ ପିଚୁ ଢଳେଇ (ବିଟୁମିନସ୍ ଲେୟର), ପୁରୁଣା ବ୍ରିଜ୍‌ର ରଙ୍ଗକାମ ଏବଂ ନିକଟସ୍ଥ ଶ୍ମଶାନକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ଅନ୍ତର୍ଭୁକ୍ତ ରହିଛି । ମାତ୍ର ଠିକାଦାରଙ୍କ ପକ୍ଷରୁ ବ୍ରିଜ୍ ଉପରେ କେବଳ କିଛି ସିମେଣ୍ଟ କାମ କରାଯାଇ କାମକୁ ଅଧାରୁ ଛାଡ଼ି ଦିଆଯାଇଛି । ଫଳରେ ବ୍ରିଜ୍‌ର ଅବସ୍ଥା ଅସମତଳ ହୋଇପଡ଼ିଥିବାରୁ ଯାନବାହନ ଚଳାଚଳରେ ଘୋର ବାଧା ସୃଷ୍ଟି ହେବା ସହ ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ।

ଗଜପତି ଜିଲ୍ଲାର ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଏହି ବ୍ରିଜ୍ ଦେଇ ପୁରୁଣାପଟଣାସ୍ଥିତ ବିଭିନ୍ନ ସ୍କୁଲ ଓ କଲେଜକୁ ଯାତାୟାତ କରିଥାନ୍ତି । ଏହା ବ୍ୟତୀତ ବ୍ୟବସାୟୀ ଓ ସାଧାରଣ ଯାତ୍ରୀମାନେ ମଧ୍ୟ ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଦୀର୍ଘ ଦିନ ଧରି କାମ ଅଟକି ରହିଥିବାରୁ ସରକାରୀ ଅର୍ଥର ସଠିକ୍ ବିନିଯୋଗକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ (ଏକ୍ସିକ୍ୟୁଟିଭ୍ ଇଞ୍ଜିନିୟର) ସହ ଯୋଗାଯୋଗ କରାଯିବାରୁ, ବାତ୍ୟା ଓ ପ୍ରତିକୂଳ ପାଣିପାଗ ଯୋଗୁଁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା ବୋଲି ସେ ସଫେଇ ଦେଇଛନ୍ତି । ତେବେ ପାଗ ଅନୁକୂଳ ରହିଥିବାରୁ ଖୁବ୍‌ଶୀଘ୍ର ବଳକା କାମ ଶେଷ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

ଦୁର୍ଘଟଣା ଆଶଙ୍କାରେ ଯାତ୍ରୀ, ଅସନ୍ତୋଷ ପ୍ରକାଶ କଲେ ସ୍ଥାନୀୟ ବାସିନ୍ଦା

ଅଟୋକୁ ପିଟିଲା ଇନୋଭା, ଦୁଇ ମୃତ



ନରସିଂହପ୍ରସାଦ, ୨୮/୧୧ (ଜେଏନ୍ଏସ୍) : ବାଙ୍କ ସାଲୁଆ ନରସିଂହପ୍ରସାଦ ବାଇପାସ୍ ରାସ୍ତାରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଇନୋଭା କାର୍ ଏକ ଅଟୋକୁ ଧକ୍କା ଦେବା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ମୃତକଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ମୃତକ ହେଲେ ଗୋଡ଼ିପଡ଼ାର ଅଟୋ ଡ୍ରାଇଭର ଆଭାସି ସାହୁ ଯାତ୍ରୀ ସେହି ଅଞ୍ଚଳର ଜୋଛନା ପାତ୍ର, ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାରେ ସମ୍ପୃକ୍ତ ଇନୋଭା କାରକୁ ଜବତ କରିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ସୀମା ପୁନଃନିର୍ଦ୍ଧାରଣ ଓ...


ନିର୍ବାଚନ କମିଶନର (କିମ୍ବା ତାଙ୍କ ପ୍ରତିନିଧି) ଏବଂ ସମ୍ପୃକ୍ତ ରାଜ୍ୟର ନିର୍ବାଚନ କମିଶନର ସଦସ୍ୟ ରହିବେ । ପ୍ରସ୍ତାବିତ ୫୦ ପ୍ରତିଶତ ଆସନ ବୃଦ୍ଧି ସ୍ତ୍ରୁ ଲାଗୁ ହେଲେ ଓଡ଼ିଶାର ରାଜନୈତିକ ମାନଚିତ୍ରରେ ବଡ଼ ପରିବର୍ତ୍ତନ ଆସିବ । ବର୍ତ୍ତମାନ ଓଡ଼ିଶାରେ ୨୧ଟି ଲୋକସଭା ଆସନ ଥିବା ବେଳେ ଏହା ବୃଦ୍ଧି ପାଇ ୩୧ କିମ୍ବା ୩୨ରେ ପହଞ୍ଚିପାରେ । ସେହିପରି ଯଦି ପ୍ରତି ଲୋକସଭା ଆସନ ଅଧୀନରେ ୭ଟି ବିଧାନସଭା କ୍ଷେତ୍ର ରହିବା ନିୟମ ବଳବତ୍ତର ରହେ, ତେବେ ଓଡ଼ିଶା ବିଧାନସଭାର ଆସନ ସଂଖ୍ୟା ୧୪୭ରୁ ବଢ଼ି ୨୧୭ରୁ ୨୨୪ ମଧ୍ୟରେ ରହିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ, ସଂସଦରେ ଓଡ଼ିଶାର ଆନୁପାତିକ ପ୍ରତିନିଧିତ୍ୱ ସୁରକ୍ଷିତ ରହିଲେ ଦଳ ଏହି ବିଲ୍‌କୁ ସମର୍ଥନ କରିପାରେ ବୋଲି ବିଜୁ ଜନତା ଦଳ (ବିଜେଡି) ସଙ୍କେତ ଦେଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ବିଲ୍‌କୁ ପାରିତ କରିବା ପାଇଁ ଆସନ୍ତା ନଭେମ୍ବର ୩୦ ତାରିଖରେ ଲୋକସଭା ଏବଂ ଡିସେମ୍ବର ୨ ତାରିଖରେ ରାଜ୍ୟସଭାର ସ୍ୱତନ୍ତ୍ର ବୈଠକ ଡକାଯାଇଛି । ବିଲ୍ ପାରିତ କରିବା ପାଇଁ ସଂସଦର ଉଭୟ ଗୃହରେ ଦୁଇ-ତୃତୀୟାଂଶ ବହୁମତର ଆବଶ୍ୟକତା ଥିବାରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଜ ସାଂସଦମାନଙ୍କୁ ହ୍ୱିପ୍ ଜାରି କରାଯାଇଛି ।

ପ୍ୟାକିଂ, କ୍ରାକିଂ ଓ ଆମେରିକାର...

ଡ୍ରାଗନ୍ ପ୍ରାଣୀ ପରି ଲାଗୁଥିଲା । ସମାଲୋଚକ ଓ ବ୍ୟଙ୍ଗଚିତ୍ରକାରମାନେ ଗଭର୍ଣ୍ଣରଙ୍କ ନାମ ଏବଂ ପ୍ରାଣୀକୁ ଯୋଡ଼ି "ଏରକ୍ସକ୍ସଜଙ୍ଖବଭୟରକ୍ସସଭଶ" ଶବ୍ଦ ତିଆରି କଲେ (ଯାହା ପରବର୍ତ୍ତୀ ସମୟରେ ଏରକ୍ସକ୍ସଜଙ୍ଖବଭୟରକ୍ସସଭଶ ଭାବେ ଲୋକପ୍ରିୟ ହେଲା) । ଅର୍ଥାତ୍, ରାଜନୈତିକ ଫାଇଦା ପାଇଁ ନିର୍ବାଚନ ମଣ୍ଡଳୀର ମାନଚିତ୍ରକୁ ଇଚ୍ଛାକୃତ ଭାବେ ଅଜବ ଆକାରରେ ବଦଳାଇବା ବୁଝାଇବାକୁ ଏହି ନାମ ଯୋଡ଼ା ଯାଇଥିଲା । ସ୍ୱାଧ

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ବ୍ରହ୍ମପୁରରେ ଆୟୋଜିତ ଯୁବ ଆହ୍ୱାନ ଉତ୍ସବର ଝଲକ



























Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର

Editor: Suvendu Ray Mohapatra